


## ସଂକ୍ଷେପରେ

### ଦୋଳି ଖେଳ ବେଳେ ଦୁର୍ଘଟଣା: ନାବାଳିକା ମୃତ

**ବେତନଟୀ,୨୩।୧୦(ଡି.ଏନ.ଏ.):** ଛିତାୟ୍ମୀ ସିଂ ନାମ୍ନୀ ଜଣେ ୬ ବର୍ଷର ବାଳିକା ଶାଢ଼ୀରେ ବନ୍ଧା ହୋଇଥିବା ଦୋଳିରେ ଝୁଲିବାବେଳେ ଏହା ତାଙ୍କ ବେକରେ ଗୁଡ଼ାଇ ହୋଇଯିବାରୁ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି। ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଷଠିଲୋ ଗ୍ରାମରେ ଶୁକ୍ରବାର ଏଭଳି ଦୁର୍ଘଟଣା ଘଟିଛି। ମୃତା ନାବାଳିକା ବୁଧ ରାମ ସିଂଙ୍କ କନ୍ୟା ବୋଲି ଜଣାପଡ଼ିଛି। ଏହି ଦୁର୍ଘଟଣା ଘଟିବାବେଳେ ନାବାଳିକାଙ୍କ ପରିବାର ଲୋକେ ଘରେ ନ ଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୮/୧୮) ରୁଜୁ ହୋଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

### ଯୁବକଙ୍କ ମୃତଦେହ ଉଦ୍ଧାର

**ବାରିପଦା ଅଫିସ,୨୩।୧୦:** ବାରିପଦା ଟାଉନ ଥାନା ଅଧୀନ ତକତପୁର ଅଞ୍ଚଳରେ ସୋମବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଗୋବିନ୍ଦ ମହାରଣା। ତାଙ୍କର ଏକ ସାର୍ଟିଫିକେଟ ହଜିଯାଇଥିବା ଯୋଗୁ ତାଙ୍କ ମାନସିକ ସ୍ଥିତି ଠିକ ନ ଥିଲା। ସେଥିଲାଗି ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଏନେଇ ବାରିପଦା ପୋଲିସ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୦୫/୧୮)ରୁଜୁକରି ତଦନ୍ତ ଜାରି ରଖିଛି।

### ୩୧ରେ ଜେଏମଏମର ଜିଲାପାଳ ଅଫିସ ଘେରାଉ

**ବାରିପଦା ଅଫିସ,୨୩।୧୦:** ମୟୂରଭଞ୍ଜ ଜିଲା ଜେଏମଏମ ସଭାପତି ଫାଗୁ ହାଁସଦାଙ୍କ ଅଧକ୍ଷତାରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩୧ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ପିଆରଏମ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜିଲାପାଳ ଦୁର୍ବ୍ୟବହାର କରିଥିବା ଓ ବିଭିନ୍ନ ସମସ୍ୟା ନେଇ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

### ମାଛଧରା ଗଣ୍ଡଗୋଳ: ବିଷ ପିଇ ଜଣେ ଗୁରୁତର

**ବଡ଼ସାହି,୨୩।୧୦(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ତଥା ବଡ଼ସାହି ବ୍ଲକ ଅଧୀନ ଶାଳଗାଁ ପଞ୍ଚାୟତ ସୋରଷକୋଠା ଗ୍ରାମର ରାମଚନ୍ଦ୍ର ଗିରି(୫୨) ବିଷପିଇ ଗୁରୁତର ଅସୁସ୍ଥ ହୋଇଥିବା ଜଣାପଡିଛି। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାଲେଶ୍ୱର ଡାକ୍ତରଖାନା ନିଆଯାଇ ପରେ କଟକ ସ୍ଥାନାନ୍ତର କରାଯାଇଛି। ବୁଢ଼ାବଳଙ୍ଗ ନଦୀ ଗର୍ଭରେ ମାଛ ଧରିବାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟିବା ଏବଂ ପରେ ଏକ କମିଟି ଏନେଇ ଶୁଣାଇଥିବା ନିଷ୍ପତ୍ତିରେ ବ୍ୟଥିତ ହୋଇ ସେ ବିଷ ପିଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।

# ଅବାଧରେ କଳାମୁଗୁନି ପଥର ଲୁଟ୍

**ବଡ଼ସାହି,୨୩।୧୦(ସ୍ୱ.ପ୍ର.)**

ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ରହିଥିବା ସଂରକ୍ଷିତ ଜଙ୍ଗଲରୁ ବେଆଇନଭାବେ ବ୍ଲାଷ୍ଟିଂ କରି ଚୋରା ବେପାରୀମାନେ ମେଟାଲ ଓ ମୂଲ୍ୟବାନ କଳାମୁଗୁନି ପଥର ଲୁଟି ନେଉଛନ୍ତି । ଏହି ଅଞ୍ଚଳରୁ ପ୍ରତିଦିନ ଏସବୁ ଲଘୁଜାତ ବନଦ୍ରବ୍ୟ ବିଭିନ୍ନ ଅଞ୍ଚଳକୁ ଅବାଧରେ ଚୋରା ଚାଲାଣ ହେଉଛି। ପୂର୍ବରୁ ଏହି ଅଞ୍ଚଳରେ ଚାଲିଥିବା କେତେକ ବେଆଇନ ଖାଦାନକୁ ପ୍ରଶାସନ ବନ୍ଦ କରିଥିଲେ ମଧ୍ୟ ଚୋରାରେ ଚାଲିଥିବା ଏଭଳି କାରବାରକୁ ରୋକିବାରେ ବିଫଳ ହୋଇଛି। ପଥର ମାଫିଆମାନେ ପ୍ରଶାସନ ଆଖିରେ ଧୂଳି ଦେଇ ଡମ୍ପର ଓ ଅନ୍ୟ ଗାଡିରେ ମେଟାଲ ଭର୍ତ୍ତି କରି ବିଭିନ୍ନ କ୍ରସରକାରଖାନାକୁ ପଠାଇ ପରେ ବାହାର ଅଞ୍ଚଳକୁ ଚାଲାଣ କରୁଛନ୍ତି। ଏଥିଲାଗି ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଅନ୍ୟପକ୍ଷେ ଜଙ୍ଗଲ ପରିସୀମା ସଙ୍କୁଚିତ ହେଉଥିବାରୁ ବନ୍ୟପ୍ରାଣୀମାନେ ଜଙ୍ଗଲତଳି ଇଲାକାକୁ ପଶି ଆସୁଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଶିମିଳିପାଳ ଜୈବମଣ୍ଡଳକୁ ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଓ ଡୁକୁରା ରେଞ୍ଜ ଅଧୀନରେ ଯଦୁନାଥପୁର, ପୂର୍ଣ୍ଣଚନ୍ଦ୍ରପୁର, ଟଙ୍ଗାଶୋଳ ଓ ଗୁଡିଆଲବନ୍ଧ ପଞ୍ଚାୟତ ଲାଗି ରହିଛି। ଏହି ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଏବେ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରାଯାଇ କଳାମୁଗୁନି ପଥର ଖୋଳା ଯାଇ ବାହାରକୁ ଚାଲାଣ ହେଉଛି। ଏପରିକି ସଂରକ୍ଷିତ ଜଙ୍ଗଲର କୋର୍ ଏରିଆ ଓ ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ଭାଲୁପାଣି ଓ ଚଟାଣସାହି ନିକଟସ୍ଥ ଅଞ୍ଚଳରେ ଡିନାମାଇଟରେ ପ୍ରତିଦିନ ପଥର ବ୍ଲାଷ୍ଟିଂ କରାଯାଉଛି। ଦଲକିଶୋଳ, ଯଦୁନାଥପୁର, ବେଲଡୁଙ୍ଗୁରି, ଖଡିଆସାହି, ହାତୀକୋଟ ଅଞ୍ଚଳ ସଂଲଗ୍ନ କେତେକ ସ୍ଥାନରେ ଥିବା ପାହାଡରୁ ଅନୁରୂପ ବ୍ଲାଷ୍ଟିଂ କରି ପଥର ଫଟା ଯାଉଛି। ଶିମିଳିପାଳ ସଂରକ୍ଷିତ ଜୈବମଣ୍ଡଳ ଓ ଏହା ଆଖପାଖ ୧୦ କି.ମି. ବ୍ୟାସାର୍ଦ୍ଧ ଅଞ୍ଚଳରେ କେତେକ ବେଆଇନ ପଥର ଖାଦାନ ଏବଂ ୪ଟି କ୍ରଶର ଚାଲୁଥିବା ଅଭିଯୋଗ ହେଉଛି। ଦିନରେ ପଥର ବ୍ଲାଷ୍ଟିଂ କରାଯାଇ ରାତି ବେଳେ ଏହାକୁ ଅନ୍ୟ ଅଞ୍ଚଳକୁ ଚାଲାଣ କରାଯାଉଛି। ଚୋରା ଚାଲାଣକାରୀଙ୍କୁ ଧରିବାରେ ବନବିଭାଗ ଓ ରାଜସ୍ୱ ବିଭାଗ ଫେଲ୍ ମାରୁଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।



ବ୍ଲାଷ୍ଟିଂ କରି କଳାମୁଗୁନି ପଥର ଖୋଳାଯାଇଥିବା ସ୍ଥାନ।

- **ଉଜୁଡିଛି ସଂରକ୍ଷିତ ଜଙ୍ଗଲ ଓ ପରିବେଶ**
- **ନାମକୁମାତ୍ର ଚଢ଼ାଉ କରି ବନ ବିଭାଗ ନୀରବ**

ଶିମିଳିପାଳରେ ଜୀବଜନ୍ତୁଙ୍କ ସୁରକ୍ଷା ସକାଶେ ବେଆଇନ ଭାବେ ଚାଲିଥିବା ପଥର ଖାଦାନଗୁଡ଼ିକୁ ବନ୍ଦ କରିବା ଲାଗି ପୂର୍ବତନ ଡିଏଫ୍‌ଓ ବଡ଼ସାହି ତହସିଲଦାରଙ୍କୁ ଚିଠି (ନଂ.୩୦୬୪/ତା ୨୨।୬।୨୦୧୬ରିଖ) କରିଥିଲେ । ଏହାପରେ ତତ୍କାଳୀନ ତହସିଲଦାର ସମସ୍ତ ଖାଦାନ ବନ୍ଦ କରିବା ସକାଶେ ପଦକ୍ଷେପ ଗ୍ରହଣ କରିଥିଲେ । ନିଲାମ ଖାଦାନଗୁଡ଼ିକରେ ରାଜସ୍ୱ ଡିପୋଜିଟ ହୋଇଥିଲେ ମଧ୍ୟ ପରିବେଶ ମଞ୍ଜୁରୀ ଓ ଏନ୍‌ଭିଡବ୍ଲ୍ୟୁଏଲ୍ ନିୟମ ଅନୁସାରେ ସେଗୁଡ଼ିକ ନିଲାମ କରାଯାଇ ନ ଥିବା ସେତେବେଳେ ପଦାକୁ ଆସିଥିଲା। ଏହାସତ୍ତ୍ୱେ ପ୍ରଶାସନିକ ଧରପଗଡ କାର୍ଯ୍ୟ ପରେ ଶିଥିଳ ହୋଇ ଯିବାରୁ ପଥର ମାଫିଆମାନେ ସକ୍ରିୟ ରହି ଦିନରାତି ବ୍ଲାଷ୍ଟିଂ କରି ଚିପ୍ସ, ବଜୁରି, ମେଟାଲ ଓ ପଥର ଚୋରା ବେପାର ବଢ଼ାଇ ଚାଲିଛନ୍ତି। ରାଜ୍ୟ ସରକାର ଦୀର୍ଘଦିନ ଧରି ଖାଦାନଗୁଡ଼ିକୁ ବନ୍ଦ କରିବା ସତ୍ତ୍ୱେ କ୍ରଶର ମାଲିକମାନେ କଞ୍ଚାମାଲ୍ କେଉଁଠାରୁ ପାଉଛନ୍ତି ସେ ନେଇ କୌଣସି ଧରପଗଡ ହେଉ ନାହିଁ। ବିଭାଗୀୟ କର୍ମଚାରୀ ନାମକୁ ମାତ୍ର ଗୋଟିଏ ଦୁଇଟି ସ୍ଥାନରେ ପଥର ବୋଝେଇ ଗାଡିକୁ ଅଟକାଇ ଜରିମାନା ଆଦାୟ କରି ଚୁପ୍ ହୋଇ ବସି ରହୁଛନ୍ତି। ଏ ସମ୍ପର୍କରେ ଡୁକୁରା ରେଞ୍ଜର ଅନନ୍ତ କୁମାର ଜେନାଙ୍କୁ ପଚାରିବାରୁ କହିଛନ୍ତି, ସଂରକ୍ଷିତ ଜଙ୍ଗଲର ସୁରକ୍ଷା ଲାଗି ପଦକ୍ଷେପ ନିଆଯାଇଛି। ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। କେଉଁଠି ପଥର ଚାଲାଣ ହେଉଥିବା ନଜରକୁ ଆସି ନାହିଁ । ଲୁଚାଛପାରେ ହେଉଥିବା କାରବାର ପଅତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ବଡ଼ସାହି ତହସିଲଦାର ଅମିୟ କୁମାର ରାଉତ କହିଛନ୍ତି, ଚୋରା ପଥର ଚାଲାଣ କରୁଥିବା ଗାଡିଗୁଡ଼ିକୁ ଧରିବା ବନ, ତହସିଲ, ମାଇନିଂ ଓ ପୋଲିସ ବିଭାଗର ଦାୟିତ୍ୱ । ତହସିଲ ପକ୍ଷରୁ ଗାଡି ଜବତ କରାଯାଇ ଜରିମାନା ଆଦାୟ କରାଯାଉଛି। ବିଭାଗର ଚଢ଼ାଉରୁ ବର୍ତ୍ତିବା ଲାଗି ଚୋରା ବେପାରୀ ସତର୍କତା ଅବଲମ୍ବନ କରି ରାତିରେ ଚାଲାଣ କରୁଛନ୍ତି । ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ଚେକ୍ ପୋଷ୍ଟ ମାଧ୍ୟମରେ ଏହି କାରବାର ରୋକାଯିବାକୁ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

# ୪ ଶିଶୁଙ୍କୁ ଜନ୍ମ ଦେଲେ ମହିଳା



ଜନ୍ମଗ୍ରହଣ କରିଥିବା ୪ ଶିଶୁ।

**ବାରିପଦା ଅଫିସ,୨୩।୧୦**

ବାରିପଦା ପିଆରଏମ ମେଡିକାଲ କଲେଜରେ ମଙ୍ଗଳବାର ଜଣେ ଗର୍ଭବତୀ ମହିଳା ୪ ଜଣ ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଏହି ଶିଶୁମାନଙ୍କ ମଧ୍ୟରେ ୩ ଜଣ ଝିଅ ଥିବା ବେଳେ ଜଣେ ପୁଅ ଅଛନ୍ତି। ଶିଶୁମାନେ ଓ ମହିଳା ସୁସ୍ଥ ଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ସୁଚନା ମୁତାବକ ଶୁଳିଆପଦା ବ୍ଲକ ବାଘଡା ପଞ୍ଚାୟତ ଅଧୀନ ସିଙ୍ଗଡା ଗ୍ରାମର ଉତ୍ତମ କୁମାର ଧଳଙ୍କ ପତ୍ନୀ ଝୁନୁରାଣୀ ସାମବାର ରାତିରେ ବାରିପଦା ମେଡିକାଲରେ ଏହି ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଝୁନୁରାଣୀଙ୍କ ପ୍ରଥମ ଗର୍ଭରୁ ଏହି ୪ ଜଣ ଶିଶୁ ଜନ୍ମ ହୋଇଛନ୍ତି। ବାରିପଦା ମେଡିକାଲରେ ପ୍ରଥମ ଥର ପାଇଁ ୪ ଜଣ ଶିଶୁ ଏକା ସାଙ୍ଗରେ ଜନ୍ମ ହେବା ପ୍ରଥମ ଘଟଣା ବୋଲି କର୍ତ୍ତୃପକ୍ଷ କହିଛନ୍ତି।

# କିରୋସିନ ଢାଳି ନବବଧୂଙ୍କ ଆତ୍ମହତ୍ୟା

## ବାପଘର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ବଡ଼ସାହି,୨୩।୧୦(ସ୍ୱ.ପ୍ର)**

ମୟୂରଭଞ୍ଜ ବଡ଼ସାହି ଥାନା ଅଧୀନ ହରିପୁର ଗ୍ରାମରେ ପରୀ ନାଥ(୧୮) ନାମ୍ନୀ ଜଣେ ନବବଧୂ ସୋମବାର ସନ୍ଧ୍ୟାରେ ଦେହରେ କିରୋସିନ ଢାଳି ନିଆଁ ଲାଗାଇ ଆତ୍ମହତ୍ୟା କରିଛନ୍ତି। ଶ୍ୱଶୁର ଘର ଲୋକେ ତାଙ୍କ ଝିଅଙ୍କୁ କିରୋସିନ ଢାଳି ପୋଡି ମାରିଦେଇଛନ୍ତି ବୋଲି ବାପଘର ଲୋକେ ଅଭିଯୋଗ କରିଛନ୍ତି। ବଡ଼ସାହି ପୋଲିସ ଏସଂକ୍ରାନ୍ତରେ ଏକ ମାମଲା (ନଂ.୧୬୧/୧୮) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରିବା ଲାଗି ପଠାଇ ତଦନ୍ତ ଜାରି ରଖିଛି । ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇନାହିଁ। ପୋଲିସ ସୂଚନା ଅନୁଯାୟୀ ଗତ ଏପ୍ରିଲ ୭ ତାରିଖରେ ହରିପୁର ଗ୍ରାମର ଦିଲ୍ଲିପ ନାଥ ପଶ୍ଚିମବଙ୍ଗ ଗୋପିବଲ୍ଲଭପୁର ନୂଆବସାଣ ଗ୍ରାମର ଜଗଦୀଶ ନାଥଙ୍କ ଝିଅ ପରୀଙ୍କୁ ବିବାହ ହୋଇଥିଲା । ପରେ ଦିଲ୍ଲୀପ ଦିଲ୍ଲୀ ସ୍ଥିତ ଏକ କମ୍ପାନୀରେ କାର୍ଯ୍ୟ କରିବାକୁ ଚାଲିଯାଇଥିଲେ। ଗତ ସୋମବାର ରାତିରେ ପରୀ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ । ତାଙ୍କୁ ପ୍ରଥମେ ବାରିପଦା ପିଆର୍‌ଏମ୍ ମେଡିକାଲ ନିଆଯାଇ ଟାଟା ଡାକ୍ତରଖାନାକୁ ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ଖବରପାଇ ବାପଘର ଲୋକେ ପହଞ୍ଚି ପରେ ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରି ୧ଲକ୍ଷ ଟଙ୍କା ଯୌତୁକ ଦାବି କରି ପରୀକୁ ନିର୍ଯାତନା ଦେଇ ମାରି ଦିଆଯାଇଥିବା ଦର୍ଶାଇଛନ୍ତି।

# ଆଜି ଗଜଲକ୍ଷ୍ମୀ ପୂଜା: ଉତ୍ସବମୁଖର ବିଶୋଇ



ଜଣେ ଶିଳ୍ପୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

**ବିଶୋଇ, ୨୩।୧୦(ଡି.ଏନ.ଏ.)**

ରାତି ପାହିଲେ ଗଜଲକ୍ଷ୍ମୀ ପୂଜା । ଏଥିଲାଗି ମୟୂରଭଞ୍ଜ ଜିଲାର ବଶୋଇ ଅଞ୍ଚଳ ଚଳଚଞ୍ଚଳ ତଥା ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇଛି। ମଙ୍ଗଳବାର ଶିଳ୍ପୀମାନେ ଶେଷ ସ୍ପର୍ଶ ଦେଇଛନ୍ତି। ବିଶୋଇ ବ୍ଲକର ବାଡୁଣିଆ, ବିଶୋଇ ଗାଁ, ନଙ୍ଗଳ ବେଣ୍ଟା ପୋଖରିଆ, କୁଦରସାହି, ପାନପୋଷୀ ଆଦି ୧୩ ପଞ୍ଚାୟତରେ ଗଜଲକ୍ଷ୍ମୀ ପୂଜା ଆୟୋଜନ କରାଯାଉଛି। ବିଶୋଇ ବ୍ଲକ ଛକସ୍ଥିତ ଉନ୍ନୟନ ପରିଷଦ କ୍ଲବର ମା' ଗଜଲକ୍ଷ୍ମୀ ପୂଜା ଏଥର ୨୯ ବର୍ଷରେ ପଦାର୍ପଣ କରିଛି। ଶିଳ୍ପୀ ସମୀର ପାତ୍ର ଓ ସହଯୋଗୀ ଶିଳ୍ପୀ ସମରଜିତ ମହାପାତ୍ର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଘଟ ଆଣିବା ପରେ ମଧ୍ୟରାତ୍ରିରେ ମା'ଙ୍କ ପୂଜାର୍ଚ୍ଚନା ସମାପନ କରାଯିବ। ପୂଜା ପରଦିନ କମିଟି ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଇଥିବା କ୍ଲବର ସଦସ୍ୟ ଉତ୍କଳ ରଞ୍ଜନ ମହାନ୍ତି, ବିବେକାନନ୍ଦ ଦାସ, ପ୍ରଦ୍ୟୁମ୍ନ ମହାପାତ୍ର, ମହେଶ୍ୱର ପାତ୍ର, ଅସୀମ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଗିରି ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ୧୨ ଶହ ଲିଟର ଡିଜେଲ ସହ ପିକ୍ଅପ୍ ଜବତ: ୨ ଗିରଫ



ବାସୁଦେବପୁର, ୨୩।୧୦(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡି ରାସ୍ତାର ମାତାଜୀ ମଠ ଛକ ନିକଟରୁ ବାସୁଦେବପୁର ଥାନା ପୋଲିସ ସୋମବାର ରାତିରେ ଏକ ଡିଜେଲ ବୋଝେଇ ପିକ୍ଅପ ଭ୍ୟାନ୍ ଜବତ କରିଛି। ଏଥିସହ ପୋଲିସ ଗାଡ଼ି ଡ୍ରାଇଭର ସୋମନାଥପୁର ଗ୍ରାମର ସେକ୍ ଇମରାନ ଓ ସେକ୍ ଅବଦୁଲ ଖାଁଙ୍କୁ ଗିରଫ କରିଛି। ପିକ୍ଅପରେ ୧୨ ଶହ ଲିଟର ଡିଜେଲ ଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏନେଇ ପୋଲିସ ଏକ ମାମଲା(ନଂ.୨୪୨/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଜାମୁଝାଡ଼ି ରାସ୍ତାରେ ସନ୍ଦେହଜନକ ଭାବେ ପିକ୍ଅପରେ ତେଲ ବାସୁଦେବପୁର ଆଡ଼କୁ ନିଆଯାଉଥିବା ବେଳେ ପୋଲିସ ପାଟ୍ରୋଲିଂ ସମୟରେ ଜବତ କରିଥିଲା। ଜବତ ଡିଜେଲ ସମ୍ପର୍କରେ ଭଦ୍ରକ ସିଏସ୍ଓଙ୍କୁ ଅବଗତ କରାଯାଇଥିବା ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ କହିଛନ୍ତି।

### ଏଟିଏମ୍‌ରୁ ଟଙ୍କା ଠକେଇ: ଯୁବକ ଗିରଫ

ବାସୁଦେବପୁର, ୨୩।୧୦(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କିଆପଡ଼ା ଗ୍ରାମର ଗୋବିନ୍ଦ ମହାରଣାଙ୍କ ଏଟିଏମ୍ କାର୍ଡ ଚୋରି କରି ନେଇ ଟଙ୍କା ଉଠାଣ କରିବା ଅଭିଯୋଗରେ ପୋଲିସ ମଧୁସୂଦନପୁର ଗ୍ରାମର ଦୀନବନ୍ଧୁ ପାଣିଗ୍ରାହୀଙ୍କୁ ମଙ୍ଗଳବାର ଗିରଫ କରିଛି। ଏନେଇ ବାସୁଦେବପୁର ଥାନାରେ ଏକ ମାମଲା(ନଂ. ୨୪୧/୧୮) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁସାରେ, ଗୋବିନ୍ଦ ଜଣେ ବ୍ୟବସାୟୀ ହୋଇଥିବାବେଳେ ଦୀନବନ୍ଧୁ ଜଣେ ଅଟୋ ଡ୍ରାଇଭର। ଉଭୟ ପୂର୍ବରୁ ପରିଚିତ ଥିଲେ। ଦୀନବନ୍ଧୁ କୌଶଳକ୍ରମେ ଗୋବିନ୍ଦଙ୍କଠାରୁ ତାଙ୍କ ଏଟିଏମ୍ କାର୍ଡ ଚୋରି କରି ନେବା ପରେ ସିକ୍ରେଟ ନମ୍ବର ଜାଣିଯାଇଥିଲେ। ସୋମବାର ସେ ଏହି କାର୍ଡକୁ ବ୍ୟବହାର କରି ୩ ହଜାର ଟଙ୍କା ଉଠାଇ ନେଇଥିଲେ। ଏ ସମ୍ପର୍କରେ ଗୋବିନ୍ଦ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ଦୀନବନ୍ଧୁଙ୍କୁ ଗିରଫ କରିଛି।

### ଶିକ୍ଷୟିତ୍ରୀ ଅଭୟାଙ୍କ ପରଲୋକ



ଭଦ୍ରକ ଅଫିସ,୨୩।୧୦: ବରିଷ୍ଠ ଖବରଦାତା ପରମାନନ୍ଦ ଦାସଙ୍କ ସ୍ତ୍ରୀ ଆଦର୍ଶ ଶିକ୍ଷୟିତ୍ରୀ ଅଭୟା ଦାସ(୭୦)ଙ୍କ ପରଲୋକ ହୋଇଯାଇଛି। ସେ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇଥିଲେ। କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବଡ଼ପୁଅ ଆଇନଜୀବୀ ବିଶ୍ୱରଞ୍ଜନ ଦାସ, ସୌମ୍ୟରଞ୍ଜନ ଦାସ, ଝିଅ ବାଣୀବନ୍ଦନା ଦାସ, ଓଡ଼ିଶା ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ ଓ ଗାନ୍ଧୀ ବାଳାଶ୍ରମର ଅଧୀକ୍ଷକ ହୃଷୀକେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗାନ୍ଧୀ ବାଳାଶ୍ରମ ସମେତ ବହୁ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଭଦ୍ରକର ବହୁ ବୁଦ୍ଧିଜୀବୀ, ସମାଜସେବୀଙ୍କ ସମେତ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ସୁସଜ୍ଜିତ ଗାଡ଼ିରେ ଐତିହାସିକ ଗାନ୍ଧୀ ବାଳାଶ୍ରମକୁ ଶେଷ ଦର୍ଶନ ପାଇଁ ନିଆଯାଇଥିଲା। ପରେ ପୁରୁଣାବଜାରସ୍ଥିତ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ଛତ୍ରଛାୟାରେ ଚୋରାକାଠ ବେପାରୀ

ଭଦ୍ରକ ଅଫିସ,୨୩।୧୦

ଭଦ୍ରକ ଜିଲାରେ ସକ୍ରିୟ ଥିବା ଚୋରାକାଠ ବେପାରୀମାନେ ଦିନକୁ ଦିନ ସେମାନଙ୍କ ବ୍ୟବସାୟ ବଢ଼ାଇ ଚାଲିଛନ୍ତି। ଭଦ୍ରକ ସହର ଓ ଏହା ଆଖପାଖରେ ଶତାଧିକ କାଠଡିପୋ ଓ ୧୦ ରୁ ଊର୍ଦ୍ଧ୍ୱ କରତକଳ ବେଆଇନ ଭାବେ ଚାଲୁଥିବା ଜଣାପଡ଼ିଛି। ବନବିଭାଗ ଚଢ଼ାଉ ନ କରି ନୀରବଦ୍ରଷ୍ଟା ସାଜି ବସିଛି। ପୋଲିସ କାଁ ଭାଁ ଚଢ଼ାଉ କରି ଚୋରା କାଠ ଧରୁଥିଲେ ମଧ୍ୟ ବନ ବିଭାଗ ନିକଟରେ ଏନେଇ କୌଣସି ସୂଚନା ନ ଥିବା ଲୋକଙ୍କୁ ବିସ୍ମିତ କରୁଛି। ବେପାରୀଙ୍କ ସହ ସଲାସୁତରାରେ ଏଭଳି ଚୋରା କାରବାର ଜାରି ରହିଥିବା ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ।

ସ୍ଥାନୀୟ ସହର ଓ ଆଖପାଖରେ ଥିବା କାଠ ଡିପୋଗୁଡ଼ିକୁ ଦୈନିକ ଲକ୍ଷାଧିକ ଟଙ୍କାର ୨୦ ରୁ ଊର୍ଦ୍ଧ୍ୱ ଟ୍ରିପ୍ କାଠ ବେଆଇନ ଭାବେ ଅଣାଯାଇ ମିଲ୍‌ରେ କଟାଯାଇ ସାଇଜ୍ କାଠରେ ପରିଣତ କରାଯାଉଛି। ପରେ ଏହାକୁ ପୁଣି ବାହାରକୁ ଚାଲାଣ କରାଯାଉଛି। ନିୟମିତ ଭାବେ ଏଭଳି କାରବାର ଚାଲିଥିବାରୁ ଏହା ତଦନ୍ତସାପେକ୍ଷ ହୋଇପଡ଼ିଛି। କୌଣସି ମିଲ୍‌ରେ ଥରେ ଚଢ଼ାଉ ହେଲେ ୬ ମାସ ପର୍ଯ୍ୟନ୍ତ ଆଉ ଯାଞ୍ଚ ହେଉ ନାହିଁ। କାଠବେପାରୀମାନେ ଏଭଳି ବ୍ୟବସ୍ଥାର ବେଶ୍ ଫାଇଦା ଉଠାଉଛନ୍ତି। କେବଳ ସ୍ଥାନୀୟ ସହରାଞ୍ଚଳ



ଜବତ କାଠ ବୋଝେଇ ପିକ୍ଅପ୍।

ନୁହେଁ ଜିଲାରେ ବିଭିନ୍ନ ଅଞ୍ଚଳରେ ସକ୍ରିୟ ଥିବା ଚୋରାକାଠ ବେପାରୀମାନେ ନେଟ୍‌ୱାର୍କ ଗଢ଼ି ଅବାଧରେ ଏଭଳି ଚୋରା କାରବାର କରୁଥିବା ଅଭିଯୋଗ ହେଉଛି। ବନ ବିଭାଗ ସେମାନଙ୍କୁ କାବୁ କରିବାକୁ ସମର୍ଥ ହେଉ ନାହିଁ। ବନସମ୍ପଦ ଲୁଟ୍ ଯୋଗୁ ଏହି ଜିଲା ଜଙ୍ଗଲଶୂନ୍ୟ ହେବାରେ ଲାଗିଛି। ମଙ୍ଗଳବାର ପିକ୍ଅପ(ନଂ ଓଆର୍୦୯ଜେ୬୯୨୧) ଭ୍ୟାନ୍‌ରେ ଚୋରାକାଠ ଚାଲାଣ ହେଉଥିବା ଖବର ପାଇ ପୁରୁଣାବଜାର ଥାନା ପୋଲିସ ଏହାକୁ ବାଲିଅରଡା ନିକଟରୁ ଜବତ କରିଥିଲା। ଏହି ଚୋରାକାଠ ଗାଡ଼ି ଗେଲପୁର ଅଞ୍ଚଳରୁ ପୁରୁଣାବଜାର ନଙ୍ଗାମହଲା ଅଞ୍ଚଳକୁ ଆସୁଥିବା ଜଣାପଡ଼ିଥିଲା। ପୋଲିସ ଏହାକୁ ଜବତ କରି ବନ ବିଭାଗକୁ ହସ୍ତାନ୍ତର କରିଛି। ଗାଡ଼ି ଡ୍ରାଇଭର ପୁରୁଣାବଜାର ମୁଲୁଣାସାହିର ଶେଖ୍ ସାଫିର୍‌ଙ୍କୁ ଗିରଫ କରାଯାଇଛି। ଏହାପରେ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ବନ ବିଭାଗକୁ ହସ୍ତାନ୍ତର କରିଛି। ଦୈନିକ ସହରରେ ଚୋରାକାଠ ଗାଡ଼ି ଅବାଧରେ ଚଳାଚଳ କରୁଥିଲେ ମଧ୍ୟ ଏ ସମ୍ପର୍କରେ ବନବିଭାଗ ପାଖରେ କୌଣସି ଖବର ରହୁ ନାହିଁ। କରତ କଳ ଉପରେ ସରକାରୀ କଟକଣା ଥିଲେ ମଧ୍ୟ ଏହାକୁ ଠିକ୍ ଭାବେ ପାଳନ କରାଯାଉ ନାହିଁ। କାଠବେପାରୀମାନେ ଜିଲା ପ୍ରଶାସନ ଓ ଜିଲା ପୋଲିସ ମୁଖ୍ୟାଳୟ ଆଗ ଦେଇ ବେଆଇନ କାଠ ଚାଲାଣ ଜାରି ରଖିଥିବାରୁ ସଚେତନ ନାଗରିକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭଦ୍ରକ ରେଞ୍ଜର ଗଦାଧର ପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି, ଗତ ୫ ମାସ ମଧ୍ୟରେ ବିଭାଗ ପକ୍ଷରୁ କୌଣସି ଚୋରାକାଠ ଗାଡ଼ି ଜବତ ହୋଇ ନାହିଁ। ଏହି ସମୟ ମଧ୍ୟରେ ପୁରୁଣାବଜାର ପୋଲିସ ୩ କାଠଗାଡ଼ି ଜବତ କରି ବନ ବିଭାଗକୁ ହସ୍ତାନ୍ତର କରିଛି। ଚୋରାକାଠ ଚାଲାଣ ସମ୍ପର୍କରେ ବନ ବିଭାଗକୁ ଆବଶ୍ୟକ ସୂଚନା ମିଳୁ ନାହିଁ। ଜନସହଯୋଗ ରହିଲେ ଏହାକୁ ରୋକାଯାଇପାରିବ।

## ବଦନାମରୁ ମୁକୁଳି ପାରୁନି ବିଭାଗ

ଭଦ୍ରକ ଅଫିସ,୨୩।୧୦

ଅତୀତରେ ନାନା ବଦ୍‌ନାମର ଶିକାର ହୋଇଥିବା ବନ ବିଭାଗ ଏଯାଏ ଏଥିରୁ ମୁକୁଳି ପାରୁ ନାହିଁ। ଭଦ୍ରକ ଜିଲା ଚାନ୍ଦବାଲିଠାରେ ଜିଲା ମୁଖ୍ୟ ବନ ବିଭାଗର କାର୍ଯ୍ୟାଳୟ ଥିବାରୁ ଦୂର ଅଞ୍ଚଳରେ ଠିକ୍ ଭାବେ ଚଢ଼ାଉ କାର୍ଯ୍ୟ ହୋଇପାରୁ ନାହିଁ। ବାସୁଦେବପୁର ଅଞ୍ଚଳରେ ଚୋରା କାଠ ମାଫିଆଙ୍କ ଦୌରାତ୍ମ୍ୟ କହିଲେ ନ ସରେ। ଗ୍ରାମ୍ୟ ଜଙ୍ଗଲରୁ ନିୟମିତ ବେଆଇନ ଭାବେ କାଠ କଟାଯାଇ ବାହାରକୁ ଚାଲାଣ କରାଯାଉଛି। ଗ୍ରାମବାସୀ ଏହାକୁ ବିରୋଧ କରି ମାଫିଆଙ୍କ ଟ୍ରାକ୍ଟର ପୋଡିବା ଭଳି ଘଟଣା ଅତୀତରେ ଘଟିଛି। କାଠ ମାଫିଆଙ୍କଠାରୁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ପଡ଼ି ବାସୁଦେବପୁର ଥାନାଧିକାରୀ ବୁଲୁ ମୁଣ୍ଡାଙ୍କୁ ଜେଲ୍ ଯିବାକୁ ପଡିଛି। ଜଣେ ଏଏସ୍ଆଇ ଚୋରାକାଠ ପାଇଁ ଲାଞ୍ଚ ନେଇ ନିଲମ୍ବିତ ହୋଇଛନ୍ତି। ପୂର୍ବରୁ ଭଦ୍ରକ ରେଞ୍ଜର କାଠ ବେପାରୀଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଧରା ହୋଇ ଜେଲ୍ ଯିବା ଘଟଣାରେ ବନବିଭାଗ ବଦ୍‌ନାମର ସମ୍ମୁଖୀନ ହୋଇଥିଲା। ଏହାସତ୍ତ୍ୱେ ଏଯାଏ ଅବସ୍ଥାରେ କୌଣସି ପରିବର୍ତ୍ତନ ଆସି ନାହିଁ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ କମିଶନର




ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସମୀକ୍ଷା ବୈଠକରେ କମିଶନର ଶୁଭା ଶର୍ମା ଓ ଅନ୍ୟମାନେ।

ଭଦ୍ରକ ଅଫିସ,୨୩।୧୦

ରାଜ୍ୟ ସରକାରଙ୍କ ବୟନଶିଳ୍ପ ଓ ହସ୍ତତନ୍ତ କମିଶନର ଶୁଭା ଶର୍ମା ୨ ଦିନିଆ ଭଦ୍ରକ ଜିଲା ଗସ୍ତରେ ଆସି ମଙ୍ଗଳବାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। କମିଶନର ପ୍ରଥମେ ଭଦ୍ରକ ମେଡିକାଲରେ ନିରାମୟ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବୁଲି ଦେଖିବା ସହିତ ଅନ୍ୟାନ୍ୟ ସମସ୍ୟା ଅନୁଧ୍ୟାନ କରିଥିଲେ। ପରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ କମିଶନର ଶର୍ମାଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ରଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ଅଧିକାରୀ ଯୋଗଦେଇଥିଲେ। ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ମମତା ଯୋଜନା, ସ୍ୱୟଂସହାୟକ ଗୋଷ୍ଠୀର କାର୍ଯ୍ୟକାରିତା, ସାଧାରଣ ବଣ୍ଟନ ବ୍ୟବସ୍ଥା, ନିର୍ମାଣ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଆଦି ବିଷୟ ଉପରେ ସମୀକ୍ଷା କରାଯାଇଥିଲା। ବିଭିନ୍ନ ସରକାରୀ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଏବଂ ଲୋକେ କିପରି ଏହା ସୁଫଳ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ମେଡିକାଲକୁ ଯୋଗାଇ ଦିଆଯାଉଥିବା ବେଡ୍‌ଶିଟ ସାମଗ୍ରୀକୁ ହ୍ୟାଣ୍ଡଲୁମ୍ ଜିନିଷ ଯୋଗାଇ ଦେବା ପାଇଁ କମିଶନର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## କଂଗ୍ରେସର କର୍ମୀ ସମ୍ମିଳନୀ

ଚାନ୍ଦବାଲି,୨୩।୧୦(ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ଉତୁକୁଡା ପଞ୍ଚାୟତର ସିଙ୍ଗିଟିଠାରେ ପୂର୍ବତନ ସମିତିସଭ୍ୟ କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏକ ବାଇକ୍ ଶୋଭାଯାତ୍ରାରେ ଦଳୀୟ କର୍ମୀମାନେ ସଭାସ୍ଥଳକୁ ଯାଇଥିଲେ। ବରିଷ୍ଠ କର୍ମୀ ରମେଶ ଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପଞ୍ଚାୟତ ସଭାପତି ଦାୟିତ୍ୱ ଦିଆଯାଇଛି। ପିସିସି ସମ୍ପାଦକ ସତ୍ୟାନନ୍ଦ ରାଉତ, ମନୋଜ ବିଶ୍ୱାଳ, ଓବିସି ସେଲ୍ ଉପାଧ୍ୟକ୍ଷ ଅଭିଷେକ ରାଉତ, ବ୍ଲକ କଂଗ୍ରେସ ସଭାପତି ଦିଗମ୍ବର ଦାସ, ପିସିସି ସଭ୍ୟ ନୁରୁ ମହମ୍ମଦ ଇସମାଇଲ, କଂଗ୍ରେସର କୃଷକ ସେଲ୍ ସଭାପତି କିଶୁରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାବାସୀଙ୍କ ସହଯୋଗ ଲୋଡ଼ିଲା ମେଡିକାଲ ସଂଗ୍ରାମୀ ସେନା

ଭଦ୍ରକ ଅଫିସ,୨୩।୧୦

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଛି। ଏହି ଦାବିରେ ଆସନ୍ତା ୨୯ରେ ଭଦ୍ରକ ଜିଲା ବନ୍ଦ ଡାକରା ଦିଆଯାଇଛି। ବନ୍ଦ ପାଳନ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ମଙ୍ଗଳବାର ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ମେଡିକାଲ ସଂଗ୍ରାମୀ ସେନା ପକ୍ଷରୁ ସୂଚନା ଦିଆଯାଇଛି। ଅତ୍ୟାବଶ୍ୟକ ସେବାକୁ ଛାଡ଼ି ଅନ୍ୟ ସମସ୍ତ ସେବାକୁ ଉକ୍ତ ଦିନ ବନ୍ଦ କରିଦିଆଯିବ ବୋଲି କୁହାଯାଇଛି। ଏଥିପାଇଁ ଜିଲାବାସୀଙ୍କ ସହଯୋଗ ଲୋଡ଼ିଛି ସଂଗ୍ରାମୀ ସେନା। ବନ୍ଦ ପାଳନ ପରେ ମଧ୍ୟ ସରକାର ବିଧିବଦ୍ଧ ଭାବେ ମେଡିକାଲ ପ୍ରତିଷ୍ଠା ନେଇ ଘୋଷଣାନାମା ନ କଲେ ଆମରଣ ଅନଶନ କରାଯିବ ବୋଲି ସମାଜସେବୀ ସୀତାଂଶୁ ମହାପାତ୍ର, ଡା. ହରିହର ନାୟକ, ମହମ୍ମଦ ଅବଦୁଲ ବାରି, ସୁଧାକର ରାଉତ, ଶୈଳେନ୍ଦ୍ର ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବାଇକ୍‌କୁ ଧକ୍କା ଦେଲା କାର୍: ମା’ ପୁଅ ଗୁରୁତର

ଭଣ୍ଡାରିପୋଖରୀ, ୨୩।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ ଥାନା ଅଧୀନ ପାଳଦାବାଙ୍କ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ କାର୍ ବାଇକ୍‌କୁ ଧକ୍କା ଦେବାରୁ ମା’ ପୁଅ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଧାମନଗର ଥାନା ଅନ୍ତର୍ଗତ କରଦା ପଞ୍ଚାୟତ କୋଳେଇପଦା ଗ୍ରାମର ନିଲୁ ଜେନା(୨୪) ଓ ତାଙ୍କ ମା’ ମିଲି ଜେନା(୪୬)। ସେମାନେ ନମ୍ବର ବିହୀନ ଏକ ନୂଆ ବାଇକ୍‌ରେ ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ଉତ୍ତରବାଡ ଗ୍ରାମକୁ ଯାଉଥିଲେ। ରାସ୍ତା ଅତିକ୍ରମ କରୁଥିବା ବେଳେ କାର୍ ଧକ୍କା ଦେଇଥିଲା। ସେମାନଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ପୋଲିସ ଦୁଇ ଗାଡ଼ିକୁ ଜବତ କରିଛି।

# ସାମର୍ଥ୍ୟ ଶିବିରରେ ୪୭୩ ଭିନ୍ନକ୍ଷମ

ତିହିଡ଼ି,୨୩।୧୦(ଡି.ଏନ.ଏ.)

ତିହିଡ଼ି ବ୍ଲକ ଅଧୀନ ବିଲଣା ସହଯୋଗ ହାଇସ୍କୁଲରେ ମଙ୍ଗଳବାର ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ବ୍ଲକର ୧୬ ପଞ୍ଚାୟତକୁ ନେଇ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୪୭୩ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ଅସ୍ଥିଶଲ୍ୟରେ ୧୩୬, ନାଶାକର୍ଣ୍ଣରେ ୬୮, ମାନସିକ ବିକାରଗ୍ରସ୍ତ ୪୯, ଦୃଷ୍ଟିହୀନତା ୫୪, ସର୍ବଶିକ୍ଷା ଅଭିଯାନ ୧୪୫, ଭିନ୍ନକ୍ଷମ ସଶକ୍ତୀକରଣରେ ୨୧ ଜଣଙ୍କ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସଭାରେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର ପ୍ରସାଦ ଦେହୁରୀ, ପଦ୍ମନ କୁମାର ରାୟ, ବ୍ଲକ ଉପାଧ୍ୟକ୍ଷ ମାନସ ପାଠୀ, ରଘୁନାଥ ପଣ୍ଡା, ଚିନ୍ତାମଣି ଦାସ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବନମାଳୀ ତ୍ରିପାଠୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଉଦୟ ନାରାୟଣ ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କମଳାକାନ୍ତ ଭୋଇ, ସରପଞ୍ଚ ଭାଗୀରଥୀ ମଳିକ, ସମିତିସଭ୍ୟ ଶରତ ମଳିକ, ସରପଞ୍ଚ ଶଶଧର ସାମଲ, କୀର୍ତ୍ତନ ରାଉତ, ପ୍ରତାପ ଜେନା, ପୂର୍ବତନ ସରପଞ୍ଚ ହରେକୃଷ୍ଣ ଜେନା, ପ୍ରଧାନଶିକ୍ଷକ ଅବନୀ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବବାହିନୀ ସଭାପତି ବିଶ୍ୱରଞ୍ଜନ ନାୟକ, ତପନ ପରିଡ଼ା, ଶିଶିର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ balasoreselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ମାନସ



@ ପପୁ



@ ବାପି

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | Balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ଧାମନଗର,୨୩।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଧୂଷୁରୀ ବଜାରରେ ଥିବା କରୁଣାକର ସାହୁଙ୍କ ଇପ୍‌ସିତା ଜୁଏଲାରୀ ଦୋକାନରୁ ସୋମବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି। ଦୋକାନର ସମ୍ମୁଖ ଦ୍ୱାର କବାଟ ତାଲା କାଟି ଅଳଙ୍କାର ଚୋରି କରି ନିଆଯାଇଥିବା ଧୂଷୁରୀ ଥାନାରେ ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ହେବା ପରେ ଏସ୍‌ପି ରାଜେଶ ପଣ୍ଡିତ, ଏସ୍‌ଡିପିଓ ମନୋରଞ୍ଜନ ସାମଲ, ଆଇଆଇସି ରାମ କୁମାର ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହ ଫିଙ୍ଗରପ୍ରିଣ୍ଟ ନେଇ ତଦନ୍ତ ଜାରି ରହିଛି। ଆଇରନ ଚେଷ୍ଟ ସୁରକ୍ଷିତ ଥିବାବେଳେ ବାହାରେ ଥିବା ପ୍ରାୟ ୧ ଶହ ଗ୍ରାମ ସୁନା ଏବଂ ୧ କେଜି ରୂପା ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଉଲ୍ଲେଖନୀୟ ଯେ, ଉକ୍ତ ସୁନା ଦୋକାନରୁ କିଛିବର୍ଷ ତଳେ ଚୋରି ହୋଇଥିଲା। ଧୂଷୁରୀ ଥାନା ନିକଟ ବଜାରରେ ମୁଖ୍ୟ ରାସ୍ତାକଡ଼ରୁ ଏଭଳି ଚୋରି ହୋଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

# ମୃତ ଚାଷୀଙ୍କ ପରିବାରକୁ ବୀମାରାଶି

ଭଦ୍ରକ ଅଫିସ,୨୩।୧୦

ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଭଦ୍ରକ ଶାଖା ପକ୍ଷରୁ ଗରିବ ଚାଷୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ବ୍ୟାଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଉଛି। ଏହି ବ୍ୟାଙ୍କ ଶାଖା ଅଧୀନରେ ଥିବା ଏରେଇଁ ସେବା ସମବାୟ ସମିତିରୁ ଋଣ ନେଇଥିବା ସ୍ଥାନୀୟ ବଣିଆ ପଞ୍ଚାୟତ ସରଗଡ଼ିଆ ଗ୍ରାମର ବଳରାମ ପାତ୍ରଙ୍କର ବଜ୍ରପାତରେ ମୃତ୍ୟୁ ହୋଇଯାଇଛି। ତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ବୀମାରାଶି ଚେକ୍ ପ୍ରଦାନ କରାଯାଇଛି। ଏହି ସେବା ସମବାୟ ସମିତିରୁ ବଳରାମ ଋଣ ନେବା ସମୟରେ ୧୦୭ ଟଙ୍କା ପ୍ରିମିୟମ ଦେଇ କିଶାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ଏକ ବୀମା କରିଥିଲେ। ୨୦୧୭ ମସିହା ଜୁନ୍ ୨୩ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଇଫ୍‌କୋ ଟୋକିଓ ଇନ୍ସୁରାନ୍ସ କମ୍ପାନୀ ପକ୍ଷରୁ ଏହି



ମୃତ ଚାଷୀଙ୍କ ପରିବାର ଲୋକଙ୍କୁ ବୀମାରାଶି ଚେକ୍ ପ୍ରଦାନ କରାଯାଉଛି।

ବୀମାରାଶିକୁ ମଙ୍ଗଳବାର ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଦ୍ରକ ଶାଖାର ଏଜିଏମ୍ ଅଶ୍ୱିନୀ କୁମାର ନାୟକ, ଏରେଇଁ ସେବା ସମବାୟ ସମିତି ସଭାପତି ରାଜଶ୍ରୀ ଶତପଥୀ, ସମ୍ପାଦକ ପ୍ରକାଶ ଜ୍ୟୋତି ମହାକୁଡ଼, ସମିତି ନିର୍ଦ୍ଦେଶକ ଭଗବାନ ସେନାପତି, ରଘୁନାଥ ବେହେରା ପ୍ରମୁଖ ବଳରାମଙ୍କ ସ୍ତ୍ରୀ ସାବିତ୍ରୀ ପାତ୍ର ଓ ପୁଅ ଅର୍ଜୁନ ପାତ୍ରଙ୍କୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

# ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ହୋହଲ୍ଲା

ବାସୁଦେବପୁର,୨୩।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଞ୍ଚଳରେ ବିଭିନ୍ନ ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡ଼ ପ୍ରସ୍ତୁତିରେ ଅନିୟମିତତା ଓ ହେରଫେର ହୋଇଥିବା ଅଭିଯୋଗ କରାଯାଇଛି। ଏନେଇ ନିରପେକ୍ଷ ତଦନ୍ତ ସହ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ଦାବିରେ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ବ୍ଲକ ଏବଂ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ମଙ୍ଗଳବାର ହୋହଲ୍ଲା କରିଛନ୍ତି। ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ, ବ୍ଲକର ଜୋନ୍ ସଭାପତି ପ୍ରଭାତ ବାରିକ, ସୁବ୍ରତ କୁମାର ରାୟ, ନିରଞ୍ଜନ ପଲେଇ, ରମେଶ ମହାନ୍ତି, ଜୟରାମ ସ୍ୱାଇଁ, ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ପୂର୍ବତନ ସଭାପତି ଉମାକାନ୍ତ ପାଢୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ଯୋଗ୍ୟ ହିତାଧିକାରୀଙ୍କୁ



ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା।

## ଖାଦ୍ୟ ସୁରକ୍ଷା ଯୋଜନାରେ ଅନିୟମିତତା

ଏହି ଯୋଜନାରେ ସାମିଲ କରାଯାଉ ବୋଲି ଦାବି କରିଛନ୍ତି। ବିଡିଓ ଏବଂ ଯୋଗାଣ ଅଧିକାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ କଂଗ୍ରେସ କର୍ମୀମାନେ ଏ ସମ୍ପର୍କରେ ଅଧିକ ଆଲୋଚନା କରି ନ ପାରି ଫେରିଯାଇଥିଲେ। ଅପରାହ୍ନରେ ଥାନା ଆଇଆଇସି ଉମାଶଙ୍କର ନାୟକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିବା କୁହାଯାଇଛି। କଂଗ୍ରେସ କର୍ମୀ ଓ ସମର୍ଥକମାନେ ବ୍ଲକରେ ଥିବା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ କିଛି ସମୟ ପାଇଁ ବନ୍ଦ କରିଦେଇଥିଲେ। ଏହି ଘଟଣାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜିଲା କଂଗ୍ରେସ ସଭାପତି ଦାସ ଚେତାବନୀ ଦେଇଛନ୍ତି।

## କୋଇଲା ଚୋର ଗିରଫ

ପଦ୍ମପୁର,୨୩।୧୦(ଡି.ଏନ.ଏ.)

ଭଦ୍ରକ ବ୍ଲକ ଅଧୀନ ସାବରଙ୍ଗ ଫାଣ୍ଡି ପୋଲିସ ବାରିକଛକ ନିକଟରୁ ଜଣେ କୋଇଲା ଚୋରଙ୍କୁ ମଙ୍ଗଳବାର ଗିରଫ କରିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୪୯୭/୧୮) ରୁଜୁ କରାଯାଇ ଅଭିଯୁକ୍ତ ନେପାଳୀ ଥାପାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି। ବାରିକଛକର ନେପାଳୀ ପୂର୍ବରୁ ଚୋରା କୋଇଲା, ମଦ କାରବାର ଓ ଘର ପୋଡ଼ି ଭଳି ଅପରାଧରେ ସମ୍ପୃକ୍ତ ଥିଲେ। କିଛିଦିନ ତଳେ ସାବରଙ୍ଗ ଫାଣ୍ଡି ପୋଲିସ ଚୋରା କୋଇଲା ବୋଝେଇ ଗାଡ଼ିକୁ ଧରିବା ପାଇଁ ପିଛା କରୁଥିବା ବେଳେ ନେପାଳୀ ପୋଲିସ ଗାଡ଼ିକୁ ସାଇଡ ମାରି ଦୁର୍ଘଟଣା ଘଟାଇବାକୁ ଉଦ୍ୟମ କରିଥିଲେ। ବାରିକଛକ ନିକଟରେ ସେ ଥିବାର ଖବର ପାଇ ସାବରଙ୍ଗ ଫାଣ୍ଡିର କନଷ୍ଟେବଳ ସନ୍ତୋଷ କୁମାର ବିଶ୍ୱାଳ, ରଜତ ପାଣିଗ୍ରାହୀ, ଗଗନ କୁମାର ସେନ ଦୁଇପଟୁ ଘେରିଯାଇ ତାଙ୍କୁ କାବୁ କରିନେଇଥିଲେ।

**ସଂକ୍ଷେପରେ**

## ଚୋରା ବେପାରୀଙ୍କୁ ଅନୁକମ୍ପା



**ନୀଳଗିରି, ୨୩।୧୦(ଡି.ଏନ.ଏ.):** ନୀଳଗିରି ତହସିଲ ପକ୍ଷରୁ ଜବତ ଚୋରା ମୋରମ ବୋଝେଇ ଡମ୍ଫର ମାଲିକଙ୍କୁ ଅନୁକମ୍ପା ଦେଖାଇ ଜରିମାନା ହ୍ରାସ କରାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଡମ୍ଫରରୁ ୧ଲକ୍ଷ ୫୭୬ ଟଙ୍କା ଜରିମାନା ହୋଇଥିବାର ସହକାରୀ ଜିଲାପାଳ ତଥା ଅତିରିକ୍ତ ତହସିଲଦାର ଦାୟିତ୍ୱରେ ଥିବା ରାଜେନ୍ଦ୍ର କୁମାର ପଣ୍ଡା ଗଣମାଧ୍ୟମକୁ ଜଣାଇଥିଲେ। ହେଲେ ଏହାର ୬ ଦିନ ପରେ ଜରିମାନା ଅର୍ଥ ହ୍ରାସ ପାଇ ୭୦ ହଜାର ୫୭୬ ଆଦାୟ କରାଯାଇଥିବା ଜଣାପଡ଼ିଛି। ଗତ ୧୬ତାରିଖ ଅପରାହ୍ନରେ ସ୍ଥାନୀୟ ଉପଜିଲାପାଳ ଏ.ଏସ୍. ନରୱଣେ ଦୁର୍ଗାପୂଜାରେ ଆଇନଶୃଙ୍ଖଳା ପରିସ୍ଥିତି ଓ ସଜନାଗଡ଼ସ୍ଥିତ ମନ୍ଦିରରେ ବିଜେ ମା' ଭୁଧାରଚଣ୍ଡୀଙ୍କ ଦର୍ଶନ ପାଇଁ ନୀଳଗିରି-ଉଦଳା ରାସ୍ତାରେ ଯାଉଥିଲେ। ପୋଡ଼ାଶୂଳ ବଜାର ନିକଟରେ ମୋରମ ବୋଝେଇ କରି ଆସୁଥିବା ଏକ ଡମ୍ଫର(ନଂ.ଓଡି-୦୧ଡବ୍ଲ୍ୟୁ-୮୩୬୫)କୁ ଜବତ କରିଥିଲେ। ଏହି ଡମ୍ଫରକୁ ସହକାରୀ ଜିଲାପାଳ ପଣ୍ଡାଙ୍କ ସହାୟତାରେ ଥାନାରେ ଜିମା ଦିଆଯାଇଥିଲା। ଜବତ ଡମ୍ଫରରୁ ଜରିମାନା ହ୍ରାସ କରାଯିବା ସମ୍ପର୍କରେ ଉପଜିଲାପାଳ ଏ.ଏସ୍. ନରୱଣେଙ୍କୁ ପଚାରିବାରେ ଚୋରା ବେପାରୀଙ୍କୁ ଭୟଭୀତ କରିବା ପାଇଁ ଏପରି କୁହାଯାଇଥିଲା। ଏତେ ଟଙ୍କା ଦେବା ପାଇଁ ମାଲିକ ଅରାଜି ହେବାରୁ ଏହାକୁ କମାଇ ଦିଆଯାଇ ରାଜସ୍ୱ ଆଦାୟ ହୋଇଛି ବୋଲି କହିଛନ୍ତି।

## ଅସହାୟ ବୃଦ୍ଧଙ୍କ ଆକସ୍ମିକ ମୃତ୍ୟୁ

**ଜଳେଶ୍ୱର, ୨୩।୧୦(ଡି.ଏନ.ଏ.):** ଜଳେଶ୍ୱର ରେଳଷ୍ଟେଶନରେ ରାଜୁ ନାମକ ଜଣେ ୬୫ ବର୍ଷୀୟ ବୃଦ୍ଧ ଜୋତା ପଲିସ୍ କରି ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ସକାଳ ପ୍ରାୟ ୬ଟା ବେଳେ ସେ ଷ୍ଟେଶନ ୪ ନଂ. ପ୍ଲାଟଫର୍ମ ପାଖରେ ଥିବା ନୟନଯୋରିରୁ ଶୌଚ ସାରି ଫେରୁଥିଲେ। ଫେରିବା ବାଟରେ ସେ ରେଳ ଲାଇନ୍ ଝୁଣ୍ଟିପଡ଼ି ଗୁରୁତର ଆହତ ହୋଇଥିଲେ। ଜଳେଶ୍ୱର ଷ୍ଟେଶନ ମ୍ୟାନେଜର ଖଗେନ୍ଦ୍ର ନାଥ ମଣ୍ଡଳ ଦମକଳ ବାହିନୀକୁ ଜଣାଇବା ପରେ ତାଙ୍କୁ ସ୍ଥାନୀୟ ଜିକେ ଭଟ୍ଟର ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାଜୁଙ୍କର ମୃତ୍ୟୁ ଘଟିଛି। ରେଳବାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଶ୍ୱଶୁର ଘରେ ଜ୍ୱାଇଁଙ୍କ ଆତ୍ମହତ୍ୟା

**ଜଳେଶ୍ୱର, ୨୩।୧୦(ଡି.ଏନ.ଏ.):** ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ଉପରତୋଟା ଗ୍ରାମର ରାମଚନ୍ଦ୍ର ମୁର୍ମୁଙ୍କ ଜ୍ୱାଇଁ ଦିଲୀପ ସିଂ (୪୦) ସୋମବାର ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ମୟୂରଭଞ୍ଜ ଜିଲା ବାରିପଦା ସଦର ଛେନାଗୁହା ଥାନା ଅଞ୍ଚଳରେ। ସେ ଦୁଇ ତିନ ଦିନ ହେଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ। ଦିଲୀପ ଆତ୍ମହତ୍ୟା କରିଥିବା ନେଇ ଶ୍ୱଶୁର ରାମଚନ୍ଦ୍ର ରାଇବଣିଆ ଥାନାକୁ ଜଣାଇଥିଲେ। ରାଇବଣିଆ ଥାନାଧିକାରୀ ରବୀନ୍ଦ୍ରନାଥ ବେହେରା ମୃତ ଦିଲୀପ ସିଂଙ୍କ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ.୧୫/୨୦୧୮) ରୁଜୁ କରି ତଦନ୍ତ ଚଳାଇଛି।

## ମୋବାଇଲ୍ ଚୋର ଗିରଫ

**ବାଲେଶ୍ୱର ଅଫିସ, ୨୩।୧୦:** ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାରସ୍ଥିତ ଚିଣ୍ଟୁ ତରାଇଙ୍କ ଘରେ ସୋମବାର ସନ୍ଧ୍ୟାରେ ଆନ୍ଦବଜାର ଗୁଧିବସାର ବିଜୁ ନାଥ ନାମକ ଯୁବକ ପଶି ମୋବାଇଲ ଚୋରି କରି ପଳାଇଯାଇଥିଲେ। ତରାଇ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୋଲିସ ମାମଲା (ନଂ. ୨୯୭/୧୮) ରୁଜୁ କରି ତଦନ୍ତ କରୁଥିଲା। ବିଜୁଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଜୟନ୍ତ କୁମାର ବେହେରା କହିଛନ୍ତି।

# ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଉଦ୍‌ଘାଟିତ

- ଅଧୀନରେ ରହିବ ୨ ହଜାର ମହାବିଦ୍ୟାଳୟ
- ଧାଇଁବାକୁ ପଡିବନି ଭୁବନେଶ୍ୱର
- କ୍ଷମତା ବିକେନ୍ଦ୍ରୀକରଣ, ଶିକ୍ଷା ସଂସ୍କାର ଆଣିବ ପରିବର୍ତ୍ତନ

**ବାଲେଶ୍ୱର ଅଫିସ, ୨୩।୧୦**

ଛାତ୍ରୀଛାତ୍ରଙ୍କୁ କେବଳ ଆଇଏଏସ୍ ଅଧିକାରୀ ନୁହେଁ ଭଲ ମଣିଷ କରି ଗଢି ତୋଳିବା ବେଳ ଆସିଛି। ଶିକ୍ଷା ବ୍ୟବସ୍ଥାରେ କ୍ଷମତାର ବିକେନ୍ଦ୍ରୀକରଣ ଓ ଶିକ୍ଷା ସଂସ୍କାର ବ୍ୟବସ୍ଥା ଦ୍ୱାରା ଏହା ସମ୍ଭବ ହୋଇପାରିବ। ମଙ୍ଗଳବାର ପୂର୍ବାହ୍ନରେ ବାଲେଶ୍ୱରସ୍ଥିତ ଏଡ଼ିଏମ୍ ଛକରେ ବହୁ ପ୍ରତୀକ୍ଷିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଉଦ୍‌ଘାଟନ ଅବସରରେ ଅତିଥି ଓ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି।

ପୂର୍ବରୁ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରତିଟି କାମ ପାଇଁ ଭୁବନେଶ୍ୱର ଦୌଡି ସମୟ ନଷ୍ଟ ସହ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ଏଥିଲାଗି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସ୍ଥାପନ ସକାଶେ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଏଠାରେ ନିର୍ଦ୍ଦେଶାଳୟ ଖୋଲାଯାଇଛି। ଏହା ଅଧୀନରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାର ପ୍ରାୟ ୨ହଜାର ମହାବିଦ୍ୟାଳୟ ରହିବ। ଫଳରେ ଶୈକ୍ଷିକ ପରିବେଶର ଉନ୍ନତି ସହିତ ପ୍ରଶାସନିକ ବ୍ୟବସ୍ଥାରେ ସୁଧାର ଆସିପାରିବ। ଓଡ଼ିଶାର ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଆଞ୍ଚଳିକ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ବୋଧନ ଦେଇ କହିଥିଲେ, ଉତ୍ତରଓଡ଼ିଶାର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପ୍ରତିଷ୍ଠାର ଆବଶ୍ୟକତା ରହିଥିଲା। ଏହା ପୂରଣ ହୋଇଛି। ବିଭିନ୍ନ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ଅଧକ୍ଷ ଓ ପ୍ରାଧ୍ୟାପକ ପଦବୀ କମନ ଗ୍ରେଡ଼େସନ୍ ଲିଷ୍ଟ ଅନୁସାରେ ଶୀଘ୍ର ପୂରଣ ହେବ। ମହାବିଦ୍ୟାଳୟର ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ଅଗ୍ରାଧିକାର ଭିତ୍ତିରେ କରାଯିବ। ଦେଶର ଭବିଷ୍ୟତ ଗଢ଼ିବାର ସ୍ରଷ୍ଟା ହେଲେ ଶିକ୍ଷକ। ସେମାନେ ଭିତ୍ତିଭୂମି ସୁଯୋଗର ଉପଯୋଗ କରି ଗୁଣାତ୍ମକ ଶିକ୍ଷା ଦିଗରେ ବ୍ରତୀ ହେଲେ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରିବ।



ବାଲେଶ୍ୱରରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ମୁଖରେ ଅତିଥିଗଣ।

ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ସୀତାଂଶୁ କୁମାର ସାମଲ ଉତ୍ସବରେ ଅଧକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ ମନ୍ତ୍ରୀ ଦାସଙ୍କ ବ୍ୟତୀତ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲାପାଳ ରମେଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ପାତ୍ର କହିଥିଲେ, ଶିକ୍ଷା ବ୍ୟବସ୍ଥା ଏବେ ସଂସ୍କାରମୁଖୀ। କ୍ଷମତା ବିକେନ୍ଦ୍ରୀକରଣ କରି ଓଡ଼ିଶାରେ ଯୁକ୍ତ ୨ ଶିକ୍ଷା ଲାଗି ୭ଟି ରିଜିଓନାଲ ନିର୍ଦ୍ଦେଶାଳୟ ଖୋଲାଯାଇ ବ୍ୟବସ୍ଥାର ସରଳୀକରଣ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏଭଳି ପଦକ୍ଷେପ ନିଆଯାଇଛି। ମୁଖ୍ୟବକ୍ତା ମନ୍ତ୍ରୀ ସାମଲ କହିଥିଲେ, ଉତ୍ତରଓଡ଼ିଶାବାସୀଙ୍କ ପାଇଁ ପ୍ରତୀକ୍ଷାର ଅନ୍ତ ହୋଇଛି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ପାଇଁ କେନ୍ଦ୍ର ସରକାର ବାର୍ଷିକ ଅନୁଦାନ ୨୨କୋଟି ଦେବା ପରିବର୍ତ୍ତେ ମାତ୍ର ୧୦କୋଟି ଦେଉଛନ୍ତି। ଏଭଳି ସ୍ଥିତିରେ ରାଜ୍ୟସରକାର ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେଉଛନ୍ତି। ୧ଲକ୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଜାତୀୟସ୍ତରରେ ୨୬ ମହାବିଦ୍ୟାଳୟର ଆବଶ୍ୟକତା ଥିବାବେଳେ ଆମ ରାଜ୍ୟରେ ୨୩ ମହାବିଦ୍ୟାଳୟ ରହିଛି। ଛାତ୍ର-ଶିକ୍ଷକ ଅନୁପାତ ଜାତୀୟସ୍ତରରେ ୩୦ ପ୍ରତିଶତ ଥିବା ବେଳେ ରାଜ୍ୟରେ ୨୬ ପ୍ରତିଶତ ରହିଛି। ଏହି ସମସ୍ୟା ଦୂର ଲାଗି ଉଦ୍ୟମ ଜାରି ରହିଛି। ଓଡ଼ିଶାରେ ୧୬ଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଛି ବୋଲି ସେ କହିଥିଲେ। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଅଧୀନସ୍ଥ ଅଞ୍ଚଳ ଗସ୍ତ କରି କ୍ୟାମ୍ପ ଅଫିସ କରି ତ୍ୱରିତ୍ ସେବା ଯୋଗାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ନିର୍ଦ୍ଦେଶାଳୟ ଅଧୀନସ୍ଥ ମହାବିଦ୍ୟାଳୟ ମଧ୍ୟରେ ୫୨ ସରକାରୀ, ୫୫୨ ସରକାରୀ ମଞ୍ଜୁରୀପ୍ରାପ୍ତ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ଅବଶିଷ୍ଟ ବେସରକାରୀ ମହାବିଦ୍ୟାଳୟ ରହିଛି। ଅମର୍ଦ୍ଦା ସିଦ୍ଧେଶ୍ୱର ମହାବିଦ୍ୟାଳୟ ଅଧକ୍ଷ ଡ. ସେକ୍ ଗୟାସୁଦ୍ଦିନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପି.କେ. ଜେନା, ଡ. ଗୌତମ ନାୟକ, ତ୍ରିଲୋଚନ ନାୟକ, ଡ. ମାନସ କୁମାର ଦାସ, ଡ. ସନ୍ତୋଷ କୁମାର ରାଉତ, ଅଧାପିକା ସନ୍ତୋଷିନୀ ଆଚାର୍ଯ୍ୟ, ସମର ବଲ୍ଲଭ ସାହୁ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।



ମତଦାନ କେନ୍ଦ୍ର ସ୍ଥାନାନ୍ତର ନେଇ ଗ୍ରାମବାସୀ ଦାବି କରୁଛନ୍ତି।

# ମତଦାନ କେନ୍ଦ୍ର ସ୍ଥାନାନ୍ତର ନ ହେଲେ ଭୋଟ ବର୍ଜନ

**ରୂପ୍‌ସା, ୨୩।୧୦(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ପଞ୍ଚାୟତ ସୀମାରେ ରହିଛି ମୟୂରଭଞ୍ଜ ବେତନଟୀ ବ୍ଲକର ଆମ୍ବଗଡ଼ିଆ ପଞ୍ଚାୟତ। ଏହି ପଞ୍ଚାୟତର ଭଗବାନପୁର, ଅଙ୍ଗାରଗଡ଼ିଆ, ଚୁରମରା, ଟିଙ୍କିରାସାହି ଓ ବଙ୍ଗାଳିଡ଼ାହି ଗ୍ରାମର ବାସିନ୍ଦା ମତଦାନ କେନ୍ଦ୍ର ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି।

ଦୀର୍ଘଦିନ ହେଲା ଏହି ୫ଟି ଗ୍ରାମର ୫୬୧ଜଣ ଭୋଟର ଜଙ୍ଗଲ ଓ ରେଳଧାରଣା ପାର ହୋଇ ବିପଦପୂର୍ଣ୍ଣ ଭାବେ ୯କି.ମି. ଦୂର ଆମ୍ବଗଡ଼ିଆ ୟୁପି ସ୍କୁଲ (ବୁଥ୍ ନଂ-୧୨୬)କୁ ଭୋଟ ଦେବା ପାଇଁ ଯାଇଥାନ୍ତି। ଶତକଡ଼ା ୩୦ଭାଗ ମତଦାନ ଦେଇଥାନ୍ତି। ଏହି ମତଦାନ କେନ୍ଦ୍ରକୁ ସ୍ଥାନୀୟ ଭଗବାନପୁର ନୂତନ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନ ହେଲେ ଆଗାମୀ ନିର୍ବାଚନରେ ସମସ୍ତେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଅନ୍ତର୍ଯାମୀ ମହାପାତ୍ର, ବାଲକା ମୁର୍ମୁ, ବିଜୟ ସିଂ, ଚକ୍ରଧର ଆଚାର୍ଯ୍ୟ, ବିଶ୍ୱନାଥ ପ୍ରଧାନ, ସୁଦର୍ଶନ ମହାପାତ୍ର, ବରିଷ୍ଠ ନାଗରିକ ଭଗବାନ ମହାପାତ୍ର, ସୁନାରାମ ମୁର୍ମୁ, ବନଜ୍ୟୋତ୍ସ୍ନା ପ୍ରଧାନ ଓ ସରୋଜିନୀ ରାଉତ ପ୍ରମୁଖ ରାଜ୍ୟ ନିର୍ବାଚନ କମିଶନଙ୍କ ସମେତ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲାପାଳ ପ୍ରମୁଖଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଉପରୋକ୍ତ ୫ଟି ଗ୍ରାମର ମହିଳା, ପୁରୁଷ ଭୋଟରଙ୍କ ସୁବିଧା ପାଇଁ ଭଗବାନପୁର ନୂତନ ପ୍ରାଥମିକ ବିଦ୍ୟାଳୟକୁ ମତଦାନ କେନ୍ଦ୍ର ସ୍ଥାନାନ୍ତର ପାଇଁ ବହୁବାର ଦାବି ହୋଇଥିଲେ ହେଁ ଏଯାବତ୍ ବିଭାଗୀୟ ପଦକ୍ଷେପ ନିଆଯାଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିବା ସହ ଆଗାମୀ ୨୦୧୯ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

## ଅସହାୟ ମହିଳା ଗଲେ ସୁଧାର ଗୃହ

**ବାଲେଶ୍ୱର ଅଫିସ,୨୩।୧୦**

ବାଲେଶ୍ୱର ସଦର ଥାନା ଅଧୀନ ଗେଙ୍ଗୁଟି ଗ୍ରାମପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଘରେ ଜଣେ ଅସହାୟ ମହିଳା ସୋମବାର ବିଳମ୍ବିତ ରାତିରେ ପ୍ରବେଶ କରିବା ଜାଣିପାରି ତାଙ୍କ ପୁଅ ଗୋପୀନାଥ ମାନବାଧିକାର କର୍ମୀ ସୁଧାକର ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସେଠୀ ଘଟଣାସ୍ଥଳରେ ପହଞ୍ଚି ସଦର ଥାନା ଆଇଆଇସି ମମତା ସାହୁ ଏବଂ ନାରୀ ସଂଘର ସଭାନେତ୍ରୀ ଗୋପାମୁଦ୍ରା ମହାପାତ୍ରଙ୍କୁ ଉକ୍ତ ମହିଳାଙ୍କ ସୁରକ୍ଷା ଓ ଥଇଥାନ ପାଇଁ ଅବଗତ କରିଥିଲେ। ଥାନାଧିକାରୀ ସ୍ଥାନୀୟ ସରପଞ୍ଚ ବିରୁପାକ୍ଷ ମହାପାତ୍ରଙ୍କ ଉପସ୍ଥିତିରେ ମହିଳାଙ୍କୁ ଉଦ୍ଧାର କରି ବିଳମ୍ବିତ ରାତିରେ ଜିଲା ସୁଧାର ଗୃହକୁ ସ୍ଥାନାନ୍ତରିତ କରିଥିଲେ। ମହିଳା ଜଣକ ମୟୂରଭଞ୍ଜ ଜିଲା ବେତନଟୀ ଅଞ୍ଚଳର ବାପୁନ ସିଂଙ୍କ ପତ୍ନୀ ସସ୍ମିତା। ପାରିବାରିକ ଅଶାନ୍ତି କାରଣରୁ ମହିଳାଜଣକ ଘର ଛାଡ଼ି ପଳାଇ ଆସିଥିବା ମାନବାଧିକାର କର୍ମୀ ସେଠୀ ପ୍ରକାଶ କରି ମହିଳାଙ୍କ ସାମାଜିକ ସୁରକ୍ଷା ପାଇଁ ଜିଲା ପ୍ରଶାସନ ଗମ୍ଭୀରତାର ସହ ଦୃଷ୍ଟି ଦେବାକୁ ଜଣାଇଛନ୍ତି।

## କବାଡି ଟୁର୍ନାମେଣ୍ଟ: ବାଲେଶ୍ୱର ଚାମ୍ପିୟନ

**ବାଲିଆପାଳ, ୨୩।୧୦(ଡି.ଏନ.ଏ.)**



ଟୁର୍ନାମେଣ୍ଟରେ ଭାଗନେଇଥିବା ଖେଳାଳି।

ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଇକଡପାଳ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଗତ ୧୮ତାରିଖରୁ ଆରମ୍ଭ ହୋଇଥିବା କବାଡି ଟୁର୍ନାମେଣ୍ଟ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ବାଲେଶ୍ୱର ଓ ବାଲିଆପାଳ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ଦଳ ୩୨-୨୭ ପଏଣ୍ଟରେ ଚାମ୍ପିୟନ ହୋଇଥିଲା। ଉଦଯାପନୀ ଦିବସରେ ପୂର୍ବତନ ସଚିବାଳୟ ଅଧିକାରୀ ନଳିନୀ ଦାସ ଓ ଜାମଶୂଳୀ କଲେଜ ବରିଷ୍ଠ ଅଧ୍ୟାପକ ସୁକାନ୍ତ କୁମାର ଗିରି ଅତିଥି ଭାବରେ ଯୋଗ ଦେଇ ବିଜୟୀ ବାଲେଶ୍ୱର ଦଳକୁ ଟ୍ରଫି ଓ ନଗଦ ଟଙ୍କା ଓ ପରାଜିତ ବାଲିଆପାଳ ଦଳକୁ ରନର୍ସଅପ ଓ ନଗଦ ଟଙ୍କା ପ୍ରଦାନ କରିଥିଲେ। କାର୍ତ୍ତିକ କୁମାର ଭଞ୍ଜ, ରଞ୍ଜନ କୁମାର ସାହୁ,ହେମନ୍ତ କୁମାର ପରିଡା ପ୍ରମୁଖ ରେଫାରୀ ଭାବରେ ଖେଳ ପରିଚାଳାନ କରିଥିବା ବେଳେ ଉତ୍ତମ କୁମାର ପିଳା, ସଞ୍ଜୟ କୁମାର ପାତ୍ର, ଦର୍ଶନ କୁମାର ଜେନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଶାରଦୀୟ ସାହିତ୍ୟ ଆସର

**ଖଇରା, ୨୩।୧୦(ଡି.ଏନ.ଏ.)**

ମା' ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦ ପକ୍ଷରୁ ଶାରଦୀୟ ସାହିତ୍ୟ ଆସର ରବିବାର ମା' ଅମ୍ବିକା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳ ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରଥମେ ଅମୃତସର ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଆଶ୍ରମ ସଞ୍ଚାଳକ ଶୁଭେନ୍ଦ୍ର ମୁନୀ ମୁଖ୍ୟଅତିଥି, ବସନ୍ତ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାଚୀନ ସାହିତ୍ୟରେ ଚର୍ଯ୍ୟାପଦ ଉପରେ ବକ୍ତବ୍ୟ ରଖିଥିଲେ। ଅନନ୍ତ କିଶୋର ଉପାଧ୍ୟାୟ ଅତିଥି ପରିଚୟ ଓ ଡା. ଉମେଶ ଚନ୍ଦ୍ର ମହାନ୍ତି ବିବରଣୀ ପାଠ କରିଥିଲେ। ହରେକୃଷ୍ଣ ପଣ୍ଡାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବାବାଜୀ ଚରଣ ଦାସ, ମହେଶ୍ୱର ମହାପାତ୍ର, ଅର୍ଜୁନ ଚରଣ ମହାରଣା, ଡମ୍ବରୁଧର ମହାପାତ୍ର, ଅନନ୍ତ କିଶୋର ମହାପାତ୍ର, ନିରଞ୍ଜନ ଦାସ, ଜଗନ୍ନାଥ ମହାପାତ୍ର, ପୁରୁଷୋତ୍ତମ ନାୟକ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଆଗାମୀ ନଭେମ୍ବର ୧୧ତାରିଖରେ ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା ହେବ ବୋଲି ବିଜୟ ମହାପାତ୍ର ସୂଚନା ଦେଇଥିଲେ। ସୌଦାମିନୀ ଶିଅଳ ଧନ୍ୟବାଦ ଅର୍ପଣ କରିଥିଲେ।



ଶାରଦୀୟ ଆସରରେ ଉପସ୍ଥିତ କବି ଓ ଲେଖକ।

## କୁପାରୀରେ ରାବଣପୋଡ଼ି



ରାବଣପୋଡ଼ିରେ ମଞ୍ଚାସୀନ ଅତିଥି।

**ଖଇରା, ୨୩।୧୦(ଡି.ଏନ.ଏ.)**

ଖଇରା ବ୍ଲକ କୁପାରୀଠାରେ ଆୟୋଜିତ ରାବଣପୋଡ଼ି କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳ ଏଥିରେ ଅଧକ୍ଷତା କରିଥିଲେ। ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦ୍ର ମୁନୀ, ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ, ପ୍ରଦୀପ ବଳବନ୍ତ ରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ, ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ ଓ ଗଜେନ୍ଦ୍ର ପରିଡ଼ା, ଅବନୀ ରାଉଳ, ମନ୍ମଥ ନାୟକ, ଜିଲାପରିଷଦ ସଭ୍ୟା ଜୟନ୍ତୀ ମହଲା ଓ କଳ୍ପନା ନାଇକ ଅତିଥି ଭାବେ ଯୋଗ ଦେଇଥିଲେ। ଡା. ଉମେଶ ଚନ୍ଦ୍ର ମହାନ୍ତି ବିବରଣୀ ପାଠ ଏବଂ ସନ୍ତୋଷ ଦକ୍ଷିଣରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏମ୍‌ପି ସେଠୀ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରିଥିଲେ। ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ପ୍ୟାରୀମୋହନ ଥିଲେ ଆପୋସହୀନ ସଂଗ୍ରାମୀ'

**ଭୋଗରାଇ,୨୩।୧୦(ଡି.ଏନ.ଏ.)**

ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସ ଥିଲେ ଜଣେ ଆପୋଷହୀନ, ଆଦର୍ଶବାଦୀ ସଂଗ୍ରାମୀ। ମହାତ୍ମା ଗାନ୍ଧୀ ଓ ନେତାଜୀ ସୁଭାଷ ବୋଷଙ୍କ ସଂସ୍ପର୍ଶ ଓ ପ୍ରେରଣାରେ ଆସି ବାନର ସେନାରେ କାର୍ଯ୍ୟ କରି ତାଙ୍କ ସଂଗ୍ରାମ ଜୀବନ ଆରମ୍ଭ କରିଥିଲେ। ଦେଶ ସ୍ୱାଧୀନ ହେବା ପରେ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନ, ଉତ୍ତରବାଲେଶ୍ୱର ବନ୍ୟା ଓ ବାତ୍ୟା ବିପନ୍ନଙ୍କୁ ସାହାଯ୍ୟ, ସହାନୁଭୂତି ପ୍ରଦର୍ଶନ ସହ ସାଧାରଣ ମଣିଷଙ୍କ ବଞ୍ଚିବାର ଅଧିକାର ପାଇଁ ଲଢ଼େଇ କରି ସେ ଜନମାନସରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ବିଧାନସଭାକୁ ନିର୍ବାଚିତ ହୋଇ ଜନପ୍ରତିନିଧି ଭାବେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ସାହାସିକତା, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶବାଦୀ ଚିନ୍ତାଧାରା ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ଯୋଗାଇବ ବୋଲି ଭୋଗରାଇ ଥାନା ଛକସ୍ଥିତ କମ୍ୟୁନିଟି ସେଣ୍ଟର ପରିସରରେ ମଙ୍ଗଳବାର ଅନୁଷ୍ଠିତ ୩୨ତମ ସ୍ମୃତିଚାରଣ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି।



ସ୍ମୃତିଚାରଣ ସଭାରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ପ୍ୟାରୀମୋହନ ସ୍ମୃତି କମିଟି ଓ ପୂଜ୍ୟପୂଜା ପରିଷଦ ପକ୍ଷରୁ ଆୟୋଜିତ ଏହି ସଭାରେ ପ୍ରାକ୍ତନ ବିଧାୟକ ସୁଶାନ୍ତ ଚାନ୍ଦଙ୍କ ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ରମାକାନ୍ତ ବେହେରା, ଅବସରପ୍ରାପ୍ତ ଇଂ. ଲକ୍ଷ୍ମୀକାନ୍ତ ସରକାର, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ରାଷ୍ଟ୍ରୀୟ ଗୌରବ ସମ୍ମାନିତ ସରପଞ୍ଚ ରମାକାନ୍ତ କରଣ, ପୂଜ୍ୟପୂଜା ପରିଷଦର ସମ୍ପାଦକ ରାଜକୁମାର ଦାସ, ଶିକ୍ଷକନେତା ଶ୍ରୀନିବାସ ପାତ୍ର, ରାଜେନ୍ଦୁ ବିକାଶ ପାତ୍ର, ବିଜୟାନନ୍ଦ ପଟ୍ଟନାୟକ, ସିପିଏମ୍ ନେତା ଅଧୀର ଗିରି ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ମୃତିଚାରଣ ସଭାରେ ୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସ୍ଥାନୀୟ ଥାନା, ତହସିଲ ପରିସରରେ ପ୍ୟାରୀବାବୁଙ୍କ ସ୍ମୃତିରେ ବୃକ୍ଷରୋପଣ କରାଯାଇଥିଲା। ସଭା ପ୍ରାରମ୍ଭରେ ସଂଗ୍ରାମୀ ପ୍ୟାରୀମୋହନଙ୍କ ତୈଳଚିତ୍ରରେ ବହୁ ବିଶିଷ୍ଟ ଅତିଥି ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ବାହାନଗାରେ ଖାଉଟି କାର୍ଡ ବଣ୍ଟନ



ଗୋପାଳପୁରରେ ବିଧାୟକଙ୍କ ଦ୍ୱାରା ଖାଉଟି କାର୍ଡ ବଣ୍ଟନ କରାଯାଉଛି।

**ବାହାନଗା, ୨୩।୧୦(ଡି.ଏନ.ଏ.)**

ବାହାନଗା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବିଧାୟକଙ୍କ ଦ୍ୱାରା ଖାଉଟି କାର୍ଡ ବଣ୍ଟନ କରାଯାଇଛି। ଏଥିରେ ୨୪ଟି ପଞ୍ଚାୟତ ମଧ୍ୟରୁ ୧୭ଟି ପଞ୍ଚାୟତର ହିତାଧିକାରୀଙ୍କୁ ଗୋପାଳପୁର ପଞ୍ଚାୟତ ପରିସରରେ ଖାଉଟି କାର୍ଡ ବଣ୍ଟନ କରାଯାଇଥିଲା। ବ୍ଲକ ପରିସରରେ ୭ଟି ପଞ୍ଚାୟତର ହିତାଧିକାରୀଙ୍କୁ ନୀଳଗିରି ବିଧାୟକଙ୍କ ଦ୍ୱାରା କାର୍ଡ ବଣ୍ଟନ କରାଯାଇଥିଲା। ଗୋପାଳପୁର ପଞ୍ଚାୟତରେ ଆୟୋଜିତ ସଭାରେ ବାଲେଶ୍ୱର ଜିଲା ସହକାରୀ ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗ ଦେଇ କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ଏଲିନା ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ ବାରିକ, ୨୦ ନମ୍ବର ଜିଲା ପରିଷଦ ଜୋନର ସଭ୍ୟା ପ୍ରଣତି ମହାଳିକ, ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି ପ୍ରମୁଖ ଯୋଗଦେଇ ୧୭ ପଞ୍ଚାୟତର ଖାଉଟିମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ବଣ୍ଟନ କରିଥିଲେ। ସେହିପରି ବାହାନଗା ବ୍ଲକ ପରିସରରେ ବିଡିଓ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଖାଉଟି କାର୍ଡ ବଣ୍ଟନ କରାଯାଇଥିଲା। ଏଥିରେ ନୀଳଗିରି ବିଧାୟକ ଇଂ ସୁକାନ୍ତ ନାୟକ ଯୋଗ ଦେଇ ୭ ପଞ୍ଚାୟତର କେତେକ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା କାର୍ଡ ବଣ୍ଟନ କରିଥିଲେ।

## ବ୍ଲକ ଆଗରେ ଭାଜପା, କଂଗ୍ରେସର ଧାରଣା

**ବାହାନଗା,୨୩।୧୦(ଡି.ଏନ.ଏ.)**

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡ ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ବଣ୍ଟାଯିବା ନିୟମ ରହିଛି। ହେଲେ ମଙ୍ଗଳବାର ବାହାନଗା ବ୍ଲକର ୧୭ ପଞ୍ଚାୟତର ହିତାଧିକାରୀଙ୍କୁ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟ ଓ ଅନ୍ୟ ୭ଟି ପଞ୍ଚାୟତର ହିତାଧିକାରୀଙ୍କୁ ବ୍ଲକ କାର୍ଯ୍ୟାଳୟରେ ବଣ୍ଟନ କରାଯିବା ଘଟଣାକୁ ଉଭୟ କଂଗ୍ରେସ ଓ ଭାଜପା ବିରୋଧ କରିଛି। ଏହାର ପ୍ରତିବାଦ କରି ବ୍ଲକ ଫାଟକ ସମ୍ମୁଖରେ ଉଭୟ କଂଗ୍ରେସ, ଭାଜପା ଦଳର ନେତା ଓ କର୍ମୀମାନେ ଧାରଣାରେ ବସିଥିଲେ। ସୋର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଡିଓଙ୍କ ସହିତ ଆଲୋଚନା କରିଥିଲେ। ଧାରଣାରେ ବସିଥିବା କଂଗ୍ରେସ ଦଳର ଜିଲା ସଭାପତି ତଥା ୧୯ ନମ୍ବର ଜୋନର ଜିଲାପରିଷଦ ସଭ୍ୟ ଶରତ ରାଜ, ବ୍ଲକ ଅଧକ୍ଷା ସରସ୍ୱତୀ ମହାଳିକ, ରବୀନ୍ଦ୍ର ମହାଳିକ, ସୁଶାନ୍ତ ପଣ୍ଡା, ରତ୍ନାକର ମହାନ୍ତି ପ୍ରମୁଖ ବିଡିଓଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ କାର୍ଡ ବ୍ଲକ ପରିସରରେ ବଣ୍ଟନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ବ୍ଲକ ଅଧକ୍ଷା ମହାଳିକ ଓ ବିଡିଓ କାର୍ଡ ବଣ୍ଟନ କରିଥିଲେ। ଅନ୍ୟ କେତେକ ହିତାଧିକାରୀଙ୍କୁ କାର୍ଡ ନ ମିଳିବାରୁ ସେମାନେ ଘରକୁ ଯିବେ ନାହିଁ କହି ଧାରଣାରେ ବସି ରହିଛନ୍ତି।



ବ୍ଲକ୍ ଆଗରେ ଭାଜପା ଓ କଂଗ୍ରେସ ନେତୃବର୍ଗଙ୍କ ସହ ହିତାଧିକାରୀମାନେ ଧାରଣା ଦେଇଛନ୍ତି।

# ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଉଦ୍‌ଘାଟିତ

- ଅଧୀନରେ ରହିବ ୨ ହଜାର ମହାବିଦ୍ୟାଳୟ
- ଧାଇଁବାକୁ ପଡିବନି ଭୁବନେଶ୍ୱର
- କ୍ଷମତା ବିକେନ୍ଦ୍ରୀକରଣ, ଶିକ୍ଷା ସଂସ୍କାର ଆଣିବ ପରିବର୍ତ୍ତନ

**ବାଲେଶ୍ୱର ଅଫିସ, ୨୩।୧୦**

ଛାତ୍ରୀଛାତ୍ରଙ୍କୁ କେବଳ ଆଇଏଏସ୍ ଅଧିକାରୀ ନୁହେଁ ଭଲ ମଣିଷ କରି ଗଢି ତୋଳିବା ବେଳ ଆସିଛି। ଶିକ୍ଷା ବ୍ୟବସ୍ଥାରେ କ୍ଷମତାର ବିକେନ୍ଦ୍ରୀକରଣ ଓ ଶିକ୍ଷା ସଂସ୍କାର ବ୍ୟବସ୍ଥା ଦ୍ୱାରା ଏହା ସମ୍ଭବ ହୋଇପାରିବ। ମଙ୍ଗଳବାର ପୂର୍ବାହ୍ନରେ ବାଲେଶ୍ୱରସ୍ଥିତ ଏଡ଼ିଏମ୍ ଛକରେ ବହୁ ପ୍ରତୀକ୍ଷିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଉଦ୍‌ଘାଟନ ଅବସରରେ ଅତିଥି ଓ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି।

ପୂର୍ବରୁ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରତିଟି କାମ ପାଇଁ ଭୁବନେଶ୍ୱର ଦୌଡି ସମୟ ନଷ୍ଟ ସହ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ଏଥିଲାଗି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସ୍ଥାପନ ସକାଶେ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଏଠାରେ ନିର୍ଦ୍ଦେଶାଳୟ ଖୋଲାଯାଇଛି। ଏହା ଅଧୀନରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାର ପ୍ରାୟ ୨ହଜାର ମହାବିଦ୍ୟାଳୟ ରହିବ। ଫଳରେ ଶୈକ୍ଷିକ ପରିବେଶର ଉନ୍ନତି ସହିତ ପ୍ରଶାସନିକ ବ୍ୟବସ୍ଥାରେ ସୁଧାର ଆସିପାରିବ। ଓଡ଼ିଶାର ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଆଞ୍ଚଳିକ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପରେ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ବୋଧନ ଦେଇ କହିଥିଲେ, ଉତ୍ତରଓଡ଼ିଶାର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପ୍ରତିଷ୍ଠାର ଆବଶ୍ୟକତା ରହିଥିଲା। ଏହା ପୂରଣ ହୋଇଛି। ବିଭିନ୍ନ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ଅଧ୍ୟକ୍ଷ ଓ ପ୍ରାଧ୍ୟାପକ ପଦବୀ କମନ ଗ୍ରେଡ଼େସନ୍ ଲିଷ୍ଟ ଅନୁସାରେ ଶୀଘ୍ର ପୂରଣ ହେବ। ମହାବିଦ୍ୟାଳୟର ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ଅଗ୍ରାଧିକାର ଭିତ୍ତିରେ କରାଯିବ। ଦେଶର ଭବିଷ୍ୟତ ଗଢ଼ିବାର ସ୍ରଷ୍ଟା ହେଲେ ଶିକ୍ଷକ। ସେମାନେ ଭିତ୍ତିଭୂମି ସୁଯୋଗର ଉପଯୋଗ କରି ଗୁଣାତ୍ମକ ଶିକ୍ଷା ଦିଗରେ ବ୍ରତୀ ହେଲେ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରିବ।



ବାଲେଶ୍ୱରରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ମୁଖରେ ଅତିଥିଗଣ।

ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ସୀତାଂଶୁ କୁମାର ସାମଲ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ ମନ୍ତ୍ରୀ ଦାସଙ୍କ ବ୍ୟତୀତ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲାପାଳ ରମେଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ପାତ୍ର କହିଥିଲେ, ଶିକ୍ଷା ବ୍ୟବସ୍ଥା ଏବେ ସଂସ୍କାରମୁଖୀ। କ୍ଷମତା ବିକେନ୍ଦ୍ରୀକରଣ କରି ଓଡ଼ିଶାରେ ଯୁକ୍ତ ୨ ଶିକ୍ଷା ଲାଗି ୭ଟି ରିଜିଓନାଲ ନିର୍ଦ୍ଦେଶାଳୟ ଖୋଲାଯାଇ ବ୍ୟବସ୍ଥାର ସରଳୀକରଣ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏଭଳି ପଦକ୍ଷେପ ନିଆଯାଇଛି। ମୁଖ୍ୟବକ୍ତା ମନ୍ତ୍ରୀ ସାମଲ କହିଥିଲେ, ଉତ୍ତରଓଡ଼ିଶାବାସୀଙ୍କ ପାଇଁ ପ୍ରତୀକ୍ଷାର ଅନ୍ତ ହୋଇଛି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ପାଇଁ କେନ୍ଦ୍ର ସରକାର ବାର୍ଷିକ ଅନୁଦାନ ୨୨କୋଟି ଦେବା ପରିବର୍ତ୍ତେ ମାତ୍ର ୧୦କୋଟି ଦେଉଛନ୍ତି। ଏଭଳି ସ୍ଥିତିରେ ରାଜ୍ୟସରକାର ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେଉଛନ୍ତି। ୧ଲକ୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଜାତୀୟସ୍ତରରେ ୨୬ ମହାବିଦ୍ୟାଳୟର ଆବଶ୍ୟକତା ଥିବାବେଳେ ଆମ ରାଜ୍ୟରେ ୨୩ ମହାବିଦ୍ୟାଳୟ ରହିଛି। ଛାତ୍ର–ଶିକ୍ଷକ ଅନୁପାତ ଜାତୀୟସ୍ତରରେ ୩୦ ପ୍ରତିଶତ ଥିବା ବେଳେ ରାଜ୍ୟରେ ୨୬ ପ୍ରତିଶତ ରହିଛି। ଏହି ସମସ୍ୟା ଦୂର ଲାଗି ଉଦ୍ୟମ ଜାରି ରହିଛି। ଶିକ୍ଷା ସାଙ୍ଗକୁ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଇ ଓଡ଼ିଶାରେ ୧୬ଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଛି ବୋଲି ସେ କହିଥିଲେ। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଅଧୀନସ୍ଥ ଅଞ୍ଚଳ ଗସ୍ତ କରି କ୍ୟାମ୍ପ ଅଫିସ କରି ତ୍ୱରିତ୍ ସେବା ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ନିର୍ଦ୍ଦେଶାଳୟ ଅଧୀନସ୍ଥ ମହାବିଦ୍ୟାଳୟ ମଧ୍ୟରେ ୫୨ ସରକାରୀ, ୫୫୨ ସରକାରୀ ମଞ୍ଜୁରୀପ୍ରାପ୍ତ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ଅବଶିଷ୍ଟ ବେସରକାରୀ ମହାବିଦ୍ୟାଳୟ ରହିଛି। ଅମର୍ଦ୍ଦା ସିଦ୍ଧେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସେକ୍ ଗୟାସୁଦ୍ଦିନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପି.କେ. ଜେନା, ଡ. ଗୌତମ ନାୟକ, ତ୍ରିଲୋଚନ ନାୟକ, ଡ. ମାନସ କୁମାର ଦାସ, ଡ. ସନ୍ତୋଷ କୁମାର ରାଉତ, ଅଧାପିକା ସନ୍ତୋଷିନୀ ଆଚାର୍ଯ୍ୟ, ସମର ବଲ୍ଲଭ ସାହୁ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ



### ‘ମହାଯାତ୍ରା ଯାନ ଯୋଗାଇ ଦିଆଯାଉ’

**ଆନନ୍ଦପୁର,୨୩। ୧୦(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଆଜକୁ ଦୀର୍ଘ ୬୦ ବର୍ଷ ହେବ କାର୍ଯ୍ୟକ୍ଷମ ହୋଇଆସୁଥିଲେ ସୁଦ୍ଧା ଅଦ୍ୟାବଧି ଡାକ୍ତରଖାନା ପାଇଁ ଜରୁରୀ ଆବଶ୍ୟକତା ଥିବା ଏକ ମହାଯାତ୍ରା ଯାନ(ଶବ ବୁହା ଗାଡି) ର ସୁବିଧା ନାହିଁ। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଜନିତ ମୃତ୍ୟୁ ଓ ଡାକ୍ତରଖାନାରେ ଚିକିତ୍ସାରତ ଅବସ୍ଥାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ନିମନ୍ତେ ମହାଯାତ୍ରା ଯାନର ସୁବିଧା ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ହୃଦୟଙ୍ଗମ କରି ସ୍ଥାନୀୟ ସାମାଜିକ କର୍ମୀ ଦେବରାଜ ସାହୁଙ୍କ ନେତୃତ୍ୱରେ ଯୁବକମାନେ ଜିଲାପାଳ ଆଶିଷ ଠାକରେଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଘଟଣାର ଗୁରୁତ୍ୱକୁ ଅନୁଭବ କରି ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଫଟୋ- ଜିଲାପାଳଙ୍କ ନିକଟରେ ମହାଯାତ୍ରା ଯାନ ପାଇଁ ଅଭିଯୋଗପତ୍ର ଦିଆଯାଉଛି।

### ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

**ରାଇସୁଆଁ, ୨୩।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ ନୂଆଗାଁ ପଞ୍ଚାୟତର କାଦଗଡ ଗ୍ରାମ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ନିକଟରେ ବହୁବାର ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ବାଧ ହୋଇ ସ୍ଥାନୀୟ ଜନସାଧାରଣ ଏକତ୍ରିତ ହୋଇ ରାସ୍ତା ମରାମତି କରିଛନ୍ତି। ରାସ୍ତା ନିର୍ମାଣରେ ଟଙ୍କଧର ଦେହୁରି, ଟୁବୁଲୁ ମାଝି, କେଶବ ମହାନ୍ତ, ଅଭିମନ୍ୟୁ ଦେହୁରି, ପ୍ରମୋଦ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

### ବାର୍ଷିକୋତ୍ସବ ଲାଗି ନିଳାଦ୍ରିର ପ୍ରସ୍ତୁତି ଚୂଡ଼ାନ୍ତ

**ବଡ଼ବିଲ, ୨୩।୧୦(ସ୍ୱ.ପ୍ର.):** ବଡ଼ବିଲର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନିଳାଦ୍ରୀ ତରଫରୁ ବୁଧବାର କୁମାରୋତ୍ସବ ତଥା ବାର୍ଷିକୋତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସଭାପତି ବଳରାମ ମହାନ୍ତି କହିଛନ୍ତି ଯେ, କଂକ୍ରିଟ ସହର ସାଙ୍ଗକୁ ସହରି ବାତାବରଣରେ ଲୁଚିଯାଉଥିବା ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣି ଏହାର ପ୍ରଚାର ପ୍ରସାର ଦିଗରେ ନିଳାଦ୍ରୀ ଅବିରତ ଚେଷ୍ଟା ଜାରି ରଖିଛି। ସେଥିପାଇଁ ଓଡ଼ିଶାର ଗାଁ ଗହଳିରେ ପାଳନ କରାଯାଉଥିବା ଗଜଲକ୍ଷ୍ମୀ ପୂଜା ଅଥବା କୁମାର ପୂର୍ଣ୍ଣିମାରେ ଅନୁଷ୍ଠାନର ବାର୍ଷିକୋତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ଭଳି କୁମାରୋତ୍ସବ ସନ୍ଧ୍ୟାରେ ମହିଳାମାନଙ୍କ ଦ୍ୱାରା ପାରମ୍ପାରିକ ଢଙ୍ଗରେ ହୁଳହୁଳି ଓ ଶଙ୍ଖ ଧ୍ୱନୀ ସହ ଚନ୍ଦ୍ରପୂଜାର ଆୟୋଜନ କରାଯାଉଥିଲା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ସେମାନଙ୍କ ପରିବାର ସହ ଅଞ୍ଚଳର ବହୁ ଓଡ଼ିଆ ପରିବାର ଉକ୍ତ ଉତ୍ସବରେ ଯୋଗଦେଇ ଓଡ଼ିଶାର ସଂସ୍କୃତିକୁ ପ୍ରଚାର ପ୍ରସାର ଦିଗରେ ଆଗଭର ହେବା ଉଚିତ୍ ବୋଲି କହିଛନ୍ତି ବଳରାମ।

### ସରୁଆଳି ଏକାଦଶ ଦେବଗଡ଼ ଚାମ୍ପିୟନ

**ତେଲକୋଇ, ୨୩।୧୦(ଡି.ଏନ.ଏ.):** ତେଲକୋଇ ବ୍ଲକ ଶିବନାରାୟଣପୁର ଗୋଡା ପଞ୍ଚାୟତ ଖେଳପଡ଼ିଆରେ ଚାଲିଥିବା ଗଦାଧର ସ୍ମାରକୀ ଫୁଟବଲ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ହୋଇଯାଇଛି। ଏଥିରେ ଦେବଗଡର ସରୁଆଳି ଏକାଦଶ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଭାବେ କିଶୋର ଚନ୍ଦ୍ର କଟେଇ, ଅତିଥି ଭାବେ ଜିତେନ୍ଦ୍ର ପ୍ରଧାନ, ଶୁକଦେବ ମହାକୁଡ, କୈଳାଶଚନ୍ଦ୍ର ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷକ ପଦ୍ମଚରଣ ସାହୁ, ପୂର୍ବତନ ସରପଞ୍ଚ ଘନଶ୍ୟାମ ନାୟକ, ଅରକ୍ଷିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସନସାଇନ କ୍ଲବ ଆନୁକୂଲ୍ୟରେ ୧୬ଟି ଦଳକୁ ନେଇ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଖେଳ ପରିଚାଳନାରେ ଲକ୍ଷ୍ମୀଧର ମହାନ୍ତ, ହୃଷିକେଶ ମହାନ୍ତ, କିଶୋର ଚନ୍ଦ୍ର ସାହୁ ସହାୟତା କରିଥିଲେ। ଶେଷରେ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରାଯାଇଥିଲା।

# ଅନ୍ଧବିଶ୍ୱାସ ନେଲା ମହିଳାଙ୍କ ଜୀବନ

**ଯୋଡ଼ା, ୨୩।୧୦(ଡି.ଏନ.ଏ.)**

ଯୋଡ଼ା ଥାନା ଭାଗଲପୁର ଗ୍ରାମରେ ଅନ୍ଧବିଶ୍ୱାସ ଯୋଗୁଁ ସୋମବାର ଜଣେ ଗର୍ଭବତୀ ମହିଳାଙ୍କ ପ୍ରସବ ପରେ ମୃତ୍ୟୁ ଘଟିଛି। ସେ ହେଲେ ମୟୂରଭଞ୍ଜ ଜିଲାର ସୁଲୁଗୁଡା ଗ୍ରାମର ଗୋବିନ୍ଦ ମୁଣ୍ଡାଙ୍କ ସ୍ତ୍ରୀ ସୁମିତ୍ରା ମୁଣ୍ଡା(୨୦)। ସେ ଗର୍ଭବତୀ ହେବା ପରେ ନିଜ ବାପଘର ଭାଗଲପୁର ଗ୍ରାମରେ ରହୁଥିଲେ। ସୁମିତ୍ରାଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ନ ଥିବା ବେଳେ କୌଣସି ଔଷଧ ଦିଆଯାଇ ନ ଥିଲା। ଫଳରେ ସୁମିତ୍ରାଙ୍କ ରକ୍ତ ଅଭାବ ହୋଇଥିଲା।

ତାଙ୍କ ବାପା ମାଟୁ ମୁଣ୍ଡା କହିଛନ୍ତି ଯେ, ରକ୍ତ ଅଭାବ ଓ ପ୍ରସବ ଯନ୍ତ୍ରଣା ହେତୁ ତାଙ୍କ ଘରେ ପୂଜାପାଠ କରାଯାଇଥିଲା। ରାତିରେ ସୁମିତ୍ରାଙ୍କ ଏକ ଶିଶୁ ଜନ୍ମ ହୋଇଥିଲା। ପରେ ରାତି ପ୍ରାୟ ୨ଟା ସମୟରେ ସୁମିତ୍ରାଙ୍କ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ଅଣାଯାଇଥିଲା। ସୁମିତ୍ରା ଗର୍ଭବତୀ ହେବା ପରେ ଠିକ୍ ଡାକ୍ତରୀ ଉପଚାର, ନିୟମିତ ଔଷଧ ସେବନ କରି ନ ଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଶିଶୁ କନ୍ୟାକୁ ବାସୁଦେବପୁର ଡାକ୍ତରଖାନରେ ଚିକିତ୍ସା କରାଯାଉଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନସଚେତନତାର ଅଭାବ ହେତୁ ଏହିପରି ଘଟଣା ଘଟୁଛି ବୋଲି ସାଧାରଣରେ ଆଲୋଚନା ହେଉଛି।

■ ଚମ୍ପୁଆରେ ‘ମୁଁ ହିରୋ ମୁଁ ଓଡ଼ିଶା’ କାର୍ଯ୍ୟକ୍ରମ

# ଯୁବପିଢି ମଧ୍ୟରେ ରହିଛି ପ୍ରତିଭା



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ଚମ୍ପୁଆ, ୨୩।୧୦(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ବିଜୁଯୁବ ବାହିନୀ ପକ୍ଷରୁ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ‘ମୁଁ ହିରୋ ମୁଁ ଓଡ଼ିଶା’ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସାଧାରଣ ଯୁବ ଅସାଧାରଣ ଲକ୍ଷ୍ୟ ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ, ସମ୍ମାନିତ ଅତିଥି ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱରୀ, ଜିଲା ଓସ୍କା ସମ୍ପାଦିକା ଧରିତ୍ରୀ ରାଉତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୁପୁର ଚାନ୍ଦଗୋଡ଼ିଆ, ଏନଏସି ଚେୟାରମ୍ୟାନ ଗୀତାରାଣୀ ନାଏକ, ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ପ୍ରଧାନ, ମୁଖ୍ୟବକ୍ତା ପୂର୍ବତନ ପ୍ରଧାପକ ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ଲୁଚି ଯାଉଥିବା ପ୍ରତିଭାଙ୍କୁ ଅନ୍ୱେଷଣ କରିବା, ଚିହ୍ନଟ କରିବା ଓ ପିଲାଙ୍କ ଭିତରେ ନେତୃତ୍ୱ ଭାବ ତିଆରି କରି ସଦୃଢ ସମାଜ ଗଠନ, ଭୁଲିଯାଉଥିବା ସାମାଜିକ ସଂସ୍କୃତିକୁ ଯୁବପିଢି ଦ୍ୱାରା ଉଦ୍ଧାର କରିବା ବିଜୁ ଯୁବ ବାହିନୀର ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗ୍ରାମାଞ୍ଚଳ ଗୁଡ଼ିକରେ ବଣ ମଲ୍ଲୀ ପରି ଝଡ଼ିଯାଉଥିବା ପ୍ରତିଭାର ସୁଦୁପଯୋଗ କରିରାଜ୍ୟ ତଥା ଦେଶ ବାହାରେ ପ୍ରତିଭା ପରିଚୟର ପାରାକାଷ୍ଠ ଦେଖାଇବା ପାଇଁ ଉପଜିଲାପାଳ ଯୁବପିଢିଙ୍କୁ ଆହ୍ୱାନ ଦେଇଥିଲେ। ବ୍ଲକସ୍ତରରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ପରେ ଗ୍ରାମାଞ୍ଚଳରେ ଏହା ଆୟୋଜିତ ହେବ ବୋଲି ସମ୍ପାଦିକା ସୁଶ୍ରୀ ରାଉତ ସୂଚନା ଦେବା ସହ କାଟୁଳିକନାର ନବମ ଶ୍ରେଣୀର ବାଳକ ପଙ୍କଜ ମହାନ୍ତକୁ ସାହସିକତା ପାଇଁ, ସେବତୀ ମହାକୁଡଙ୍କୁ ସମାଜସେବା ପାଇଁ, କୃଷ୍ଣଚନ୍ଦ୍ର ନାଏକଙ୍କୁ ସାହସିକତା ପାଇଁ ଓ ବିନୋଦ ଚନ୍ଦ୍ର ନାଏକଙ୍କୁ କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଲୋକସମ୍ପର୍କ ବିଭାଗ ଅଧିକାରୀ ଜୟନ୍ତ କୁମାର ନାଏକ ପରିଚାଳନା କରିଥିଲେ।

■ ଡାକ୍ତରର ଅନୁପସ୍ଥିତି ବିବାଦ

# ତଦନ୍ତର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ

**କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.)**

ତେଲକୋଇ ବ୍ଲକ ସରୁଆଳି ଗ୍ରାମରେ ସରକାରୀ ଆୟୁର୍ବେଦିକ ଡିସପେନସରୀରେ ଡାକ୍ତର ଅନୁପସ୍ଥିତିକୁ ନେଇ ବିବାଦ ଦେଖାଦେଇଛି। ଜଣେ ଡାକ୍ତର ସରୁଆଳି ଡିସପେନସାରୀରେ ନିଯୁକ୍ତି ପାଇଛନ୍ତି। ସେ ପଡାଙ୍ଗ, ଏସଏନ ପୁରଗୋଡା, ଗୋଳାବନ୍ଧ ଡିସପେନସାରୀର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ଆଦେଶକ୍ରମେ ତାହାର ତଦନ୍ତ ଜିଲା ଆୟୁର୍ବେଦିକ ମୁଖ୍ୟ ଚିକିତ୍ସାଧିକାରୀ କରିଥିଲେ। ଏ ନେଇ ସେ ରିପୋର୍ଟ ଆୟୁସ ନିର୍ଦ୍ଦେଶକଙ୍କୁ ଏକ ରିପୋର୍ଟ କରିଥିଲେ। ଡିସପେନସାରୀର ଅସଜଡା ଆସବାବପତ୍ର ଓ ଅସ୍ୱାସ୍ଥ୍ୟକର ପରିବେଶକୁ ଦେଖିଲେ ଡାକ୍ତରଙ୍କ ଉପସ୍ଥିତି ବେଶ ଜଣାପଡିବ ବୋଲି ଗ୍ରାମବାସୀ କହିଛନ୍ତି। ରିପୋର୍ଟ ପାଇବା ପରେ ତାହାର ଯାଞ୍ଚ କରିବା ପାଇଁ ଉପନିର୍ଦ୍ଦେଶକ ନିଗମ ପ୍ରସାଦ ନାୟକ କେନ୍ଦୁଝର ଗସ୍ତରେ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ଫେରିଛନ୍ତି। ଗ୍ରାମକୁ ନ ଯାଇ ଓ ସମସ୍ତ ଗ୍ରାମବାସୀଙ୍କ ସହ ଆଲୋଚନା ନ କରି ଏବଂ ରିପୋର୍ଟ ପ୍ରଦାନ କରିଥିବା ଜିଲା ଆୟୁର୍ବେଦିକ ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅନୁପସ୍ଥିତିରେ ଯାଞ୍ଚ କରାଯାଇଥିବାରୁ ତଦନ୍ତର ସ୍ୱଚ୍ଛତାକୁ ନେଇ ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେଏ ନେଇ ଉପନିର୍ଦ୍ଦେଶକ ଡାକ୍ତର ଅନେକ ସମୟରେ ଅନୁପସ୍ଥିତି ରହୁଥିବା ସ୍ୱୀକାର କରିଥିଲେ। ସେ କହିଛନ୍ତି ଯେ, ଯାଞ୍ଚ କରିବାକୁ ଆସିଥିଲି। ସମସ୍ତ ଗ୍ରାମକୁ ଯିବା ଆବଶ୍ୟକତା ନ ଥିଲା। ଜିଲା ମୁଖ୍ୟ ଆୟୁର୍ବେଦିକ ଚିକିତ୍ସାଧୀକାରୀଙ୍କ ଉପସ୍ଥିତି ଜରୁରି ନ ଥିଲା। ଗ୍ରାମବାସୀଙ୍କ ମତାମତ ନିଆଯାଇଛି। ଜଣେ ମହିଳା ଡାକ୍ତର ଏକା ଥରକେ ଏତେ ଡିସପେନସାରୀ କିପରି ଦାୟିତ୍ୱ ତୁଲାଇବେ ବୋଲି ଓଲଟା ତାଙ୍କ ସପକ୍ଷରେ କହିଥିଲେ।

# ପଦୋନ୍ନତି ବଦଳି: ରୋଗୀ ସେବା ନେଇ ଚିନ୍ତା

**କେନ୍ଦୁଝର, ୨୩।୧୦ (ସ୍ୱ.ପ୍ର.)–** କେନ୍ଦୁଝର ଜିଲାରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡିଛି। ଜିଲାରେ ୨୩୧ ଡାକ୍ତର ବଦଳରେ ଏବେ ୧୪୮ ଡାକ୍ତର କାମ ଚଳାଉଛନ୍ତି। ଅନେକ ଡାକ୍ତରଖାନା ଫାର୍ମାସିଷ୍ଟଙ୍କ ହାତରେ ଚାଲିଛି। ଏଭଳି ସ୍ଥିତିରେ ବରିଷ୍ଠ ଡାକ୍ତରମାନେ ପଦୋନ୍ନତି ପାଇ ଏହି ଜିଲାରୁ ଅନ୍ୟତ୍ର ଚାଲିଯାଉଥିବାରୁ ସମସ୍ୟା ଜଟିଳରୂପ ନେଉଛି। ଏବେ ଜିଲା ମୁଖ୍ୟାଳୟର ୪ଜଣ ବରିଷ୍ଠ ଡାକ୍ତରଙ୍କ ପଦୋନ୍ନତି ପରେ ବଦଳି ହୋଇଛି। ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନା ସମେତ ବଡବିଲ, ହରିଚନ୍ଦନପୁର, ଭଣ୍ଡା, ଫକୀରପୁର, ସାଇଁକୁଳ, ପଦ୍ମପୁର ଆଦି ସ୍ଥାନରେ କେତେଜଣ ଡାକ୍ତରଙ୍କୁ ପଦୋନ୍ନତି ଦିଆଯାଇ ଜିଲା ବାହାରକୁ ବଦଳି କରାଯାଇଥିବା ଜଣାପଡିଛି । ‘ଉତଥାନ’ ସଂଗଠନର ଜିଲା ସମ୍ପାଦକ ସତ୍ୟବ୍ରତ ନାଏକ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ସଚେତନ ନାଗରିକମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ସିଡିଏମଓ ଚୌଧୁରୀ ସ୍ୱରୁପ ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି, ଡାକ୍ତର ଅଭାବ ସତ୍ତ୍ୱେ ରୋଗୀ ସେବାରେ ଯେଭଳି ବାଧା ସୃଷ୍ଟି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯାଉଛି। ଡାକ୍ତର ଅଭାବ ସମସ୍ୟା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ।

# ମୁଁ ହିରୋ କାର୍ଯ୍ୟକ୍ରମ ପ୍ରସ୍ତୁତି

**ଆନନ୍ଦପୁର, ୨୩।୧୦(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ଓ ପୌରପରିଷଦ ବିଜୁ ଯୁବ ବାହିନୀର ମୁଁ ହିରୋ କାର୍ଯ୍ୟକ୍ରମ ଉପଲକ୍ଷେ ମଙ୍ଗଳବାର ବ୍ଲକ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବ୍ଲକ ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ହିମାଂଶୁ କୁମାର ରାମ ଏବଂ ପୌରପରିଷଦ ସଂଯୋଜକ ଆଇନଜୀବୀ ଭାଗୀରଥି ଦାଶଙ୍କ ସଂଯୋଜନାରେ ବିଡିଓ ଉମାକାନ୍ତ ପରିଡା, ଜିଲା ବିଜୁ ଯୁବ ବାହିନୀ ପ୍ରୋଗ୍ରାମ ଅଫିସର୍ ପ୍ରେମାନନ୍ଦ ସେନାପତି, ବ୍ଲକ ସମାଜ ମଙ୍ଗଳକାରୀ ଅଧିକାରୀ ଆଲୋକ କୁମାର ମାଝି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ଦେଇଥିଲେ।

ଆସନ୍ତା ୨୮ରେ ଆନନ୍ଦପୁର ମହାବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା ମୁଁହିରୋ କାର୍ଯ୍ୟକ୍ରମକୁ ସଫଳ କରାଇବା ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ମୁଁ ହିରୋ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମଞ୍ଚଳ ତଥା ସହରାଞ୍ଚଳର ୧୫ରୁ ୩୫ ବର୍ଷର ଯୁବତୀଯୁବକଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ସରକାରଙ୍କ ବିଜୁ ଯୁବ ବାହିନୀ ମାଧ୍ୟମରେ ଉଦ୍ୟମ କରାଯାଉଛି। କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକ ଓ ପୌରପରିଷଦ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଏକତ୍ରିତ ହୋଇଥିଲେ।

# ନିର୍ଯାତିତ ପରିବାର ମାନବାଧିକାର କମିଶନରଙ୍କ ଦ୍ୱାରସ୍ଥ

**ତେଲକୋଇ, ୨୩।୧୦(ଡି.ଏନ.ଏ.)**

ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ପଞ୍ଚାୟତ ସରୁଆଳି ଗ୍ରାମରେ ୨ ପରିବାରବର୍ଗଙ୍କୁ ବାସନ୍ଦ ସହ ନିର୍ଯାତନା ଦିଆଯାଇଥିବା ନେଇ ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ ହୋଇଛି। ସରୁଆଳି ଗ୍ରାମରା ଟଙ୍କଧର ଖୁଣ୍ଟିଆ ଓ ମରଲୀଧର ଖୁଣ୍ଟିଆଙ୍କ ପରିବାର ଲୋକଙ୍କୁ ଶାରିରିକ, ମାନସିକ ନିର୍ଯାତନା ଓ ଅର୍ଥଦଣ୍ଡ ଭଳି ଦଣ୍ଡ ଗ୍ରାମବାସୀ ଦେଇଥିବା ମାନବାଧିକାର କମିଶନରଙ୍କୁ ଜଣାଯାଇଛି। ପରିବାର ପୂଜାର୍ଚ୍ଚନା ପାଇଁ ଆସିଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଆକ୍ରୋଶର ଶିକାର ହୋଇଥିଲେ। ଏ ନେଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ, କାଞ୍ଜିପାଣି ଥାନା ଅଧିକାରୀ ଅମିତ କୁମାର ଭୂୟାଁ, ସ୍ଥାନୀୟ ବିଡିଓ ଦିଲ୍ଲିପ କୁମାର ବାରା ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।

# ପାଟଣାରେ ହିନ୍ଦୁ ଜାଗରଣ ସମାବେଶ

**ପାଟଣା, ୨୩।୧୦(ସ୍ୱ.ପ୍ର.)**

ପାଟଣା ମୁଖ୍ୟାଳୟସ୍ଥିତ ଷ୍ଟାଡିୟମ ସନ୍ନିକଟ ପଡ଼ିଆରେ ରବିବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଧର୍ମ ଜାଗରଣ ସମିତି ଆନୁକୂଲ୍ୟରେ ପାଟଣା ଖଣ୍ଡ ତରଫରୁ ହିନ୍ଦୁ ଜାଗରଣ ସମାବେଶ ହୋଇଥିଲା। ହିନ୍ଦୁ ସମାଜକୁ ଶୃଙ୍ଖଳିତ କରିବା ସକାଶେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅୟୋଜିତ ସଭାରେ ଅବସରପ୍ରାପ୍ତ କୃଷି ଅଧିକାରୀ ଗଦାଧର ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଧର୍ମଜାଗରଣ ସମିତି ପ୍ରାନ୍ତ ପ୍ରମୁଖ ଆଲୋକ ଖାଟୁଆ, ମୁଖ୍ୟବକ୍ତା ଭାବେ ଧର୍ମଜାଗରଣ ପୂର୍ବକ୍ଷେତ୍ର ପ୍ରମୁଖ ବିନୟ ଭୂୟାଁ, ସମ୍ମାନିତ ଅତିଥି ଜିଲା ସହ ସଂଘ ଚାଳକ ଡ. ଫକୀରଚରଣ ନାଏକ, ଗୁରୁଚରଣ ବାବା ଓ ସବିତା ପ୍ରଧାନ, ବିରଭଦ୍ର ସେଠୀ ଓ ବିକ୍ରମ ଚରଣ ମୁଣ୍ଡା ପ୍ରମୁଖ ଯୋଗଦେଇ ହିନ୍ଦୁ ଧର୍ମର ମୂଳ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଭାରତୀୟ କିଷାନ ସଂଘ ପ୍ରାନ୍ତ ସମ୍ପାଦକ ପ୍ରଦୀପ କୁମାର ମହାନ୍ତ ସଂଯୋଜନା କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିରଞ୍ଚି କୁମାର ମହାନ୍ତ, କାଳିଚରଣ ମହାନ୍ତ ଓ ଲମ୍ବୋଦର ମହାନ୍ତ ପରିଚାଳନା କରିଥିଲେ। ୫ ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଏକ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ।


ସଂଘର ମହିଳାପୁରୁଷ ଶୋଭାଯାତ୍ରାରେ ଯାଉଛନ୍ତି।

# ଦୁର୍ନୀତି ବିରୋଧରେ ଆନ୍ଦୋଳନ ଚେତାବନୀ

**ଭାଜପାର ଆରୋପ**
- ରାଜ୍ୟରେ ଚାଲିଛି ଅପାରଗ ସରକାର
- ‘ଆମ ଗାଁ ଆମ ବିକାଶ’ କାର୍ଯ୍ୟକ୍ରମକୁ ସମାଲୋଚନା

**କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.)**

ରାଜ୍ୟରେ ଅପାରଗ ଓ ଦୁର୍ନୀତିଗ୍ରସ୍ତ ସରକାର ଚାଲିଛି। ତାହା ବିରୋଧରେ କେନ୍ଦୁଝର ଜିଲାର ସମସ୍ତ ବ୍ଲକରେ ଆନ୍ଦୋଳନ କରାଯିବ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ମଙ୍ଗଳବାର ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସରକାରଙ୍କ ବିଭିନ୍ନ ଦୁର୍ନୀତି ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ରାଜ୍ୟ ଶାସନାଧିନ ବିଜୁ ଜନତା ଦଳ ସରକାର ବିନା ଟେଣ୍ଡର ଓ ପଲ୍ଲୀସଭାରେ ଦଲାଲମାନଙ୍କୁ ପୋଷିବା ପାଇଁ ‘ଆମ ଗାଁ ଆମ ବିକାଶ’ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବୋଲି ବକ୍ସିପାତ୍ର ପ୍ରକାଶ କରିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ କେନ୍ଦ୍ର ସରକାର ୨୯ ଟଙ୍କା ଦେଉଥିବା ବେଳେ ଏହା ଲୋକଲୋଚନକୁ ଆସିବା ପରେ ନବୀନ ପଟ୍ଟନାୟକ ନିଜସ୍ୱ ଯୋଜନା ଭାବରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି। ଜିଲାରେ ଆରମ୍ଭ ହୋଇଥିବା କାନପୁର ବୃହତ୍ ଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାରେ ସରକାରଙ୍କ ଆନ୍ତରିକତା ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। କେତେକ ଖଣି ମାଲିକ ଓ ଶିଳ୍ପପତିଙ୍କର ହାତ ଥିବା କଥା ସେ ଅଭିଯୋଗ ଆଣିଥିଲେ।


ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

କେନ୍ଦୁଝର ଡିଏମ୍‌ଏଫ୍‌ରେ କୋଟି କୋଟି ଟଙ୍କା ରହିଛି। ରାଜ୍ୟ ଏବଂ ଦେଶରେ କେନ୍ଦୁଝର ଜିଲା ଶିଶୁ ଓ ମାତୃ ମୃତ୍ୟୁହାରରେ ସର୍ବପ୍ରଥମ ବୋଲି ସେ ପ୍ରକାଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଟର୍ଚ୍ଚ ଦେଖାଇ ଅପରେଶନ କରାଯାଉଥିବାରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା କେତେଦୂର ଠିକ୍ ତାହା ସେ ଉତ୍‌ଥାପନ କରିଥିଲେ। ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା, ଲଘୁ ବନଜାତ ଦ୍ରବ୍ୟର ଉପଯୁକ୍ତ ବିକ୍ରିବଟା ସହ ଭୂତଳ ଜଳର ସଂରକ୍ଷଣ ପାଇଁ ଦାବି ଉଠାଯାଇଥିଲା। ଅକ୍ଟୋବର ୨୭ ତାରିଖରେ କେନ୍ଦୁଝର ଜିଲାର ତେଲକୋଇ ଓ ସଦର ବ୍ଲକରେ ଆନ୍ଦୋଳନ ହେବା ସହ ୨୯ ତାରିଖରେ ଘସିପୁରା ଓ ହାଟଡିହି, ସାହାରପଡା, ବାଂଶପାଳ, ଯୋଡା ଏବଂ ଝୁମ୍ପୁରାରେ ଏହି ଆନ୍ଦୋଳନ ଅନୁଷ୍ଠିତ ହେବ। ୩୦ରେ ଘଟଗାଁ, ଆନନ୍ଦପୁର, ପାଟଣା, ହରିଚନ୍ଦନପୁର ଏବଂ ଚମ୍ପୁଆ ବ୍ଲକ ଘେରାଉ କରାଯିବ ବୋଲି ସୂଚନା ମିଳିଛି। ୩୧ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଜିଲାର ସମସ୍ତ ମଣ୍ଡଳରେ ମିନି ମାରାଥନ୍ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ରାଧାକାନ୍ତ ମହାନ୍ତଙ୍କ ଅଧ୍ୟକ୍ଷତାରେ ୬ଷ୍ଠ ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ନଗରଭବନଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାର ବିଭିନ୍ନ ସମସ୍ୟା ତଥା ସାଂଗଠିକ କାର୍ଯ୍ୟପନ୍ଥା ଆଲୋଚନା କରାଯାଇ ୬ ଦଫା ରାଜନୈତିକ ଚିଠା ପ୍ରସ୍ତାବ ଗୃହିତ ହୋଇଥିଲା। ଡିଏମଏଫର ଉପେଯାଗରେ ହୋଇଥିବା ଅନିୟମତତା, କାନପୁର ଜଳସେଚନ ପ୍ରକଳ୍ପର ମନ୍ଥର ଗତି ଓ ବିସ୍ଥାପିତ ସମସ୍ୟା, ମନ୍ତ୍ରୀ ବଦ୍ରୀ ପାତ୍ରଙ୍କ ପୁଅଙ୍କ ଗୁଣ୍ଡାରାଜ, ଖଣି ଦୁର୍ନୀତି, ବୈତରଣୀର ସୁରକ୍ଷା, ନିଯୁକ୍ତି ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ରଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ମୋହନ ଚରଣ ମାଝି, ଜିଲା ସଭାପତି ରାଧାକାନ୍ତ ମହାନ୍ତ, ରାଜ୍ୟ ଉପସଭାପତି ସୁକେଶୀ ଓରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ସୁବ୍ରତ ମହାନ୍ତି, ପୂର୍ବତନ ବିଧାୟକ ଭାଗୀରଥି ସେଠୀ, ମିଡିଆ ସେଲ ସଂଯୋଜକ ସଞ୍ଜିବ ନାୟକ, ଅଫିସ ସେକ୍ରେଟେରୀ ପଞ୍ଚାନନ ସୂତ୍ରଧର, ଯୁବ ମୋର୍ଚ୍ଚା ସଭାପତି ହେମ ରଞ୍ଜନ ବାରିକ, ପ୍ରକାଶ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ବାଳିକାଙ୍କ ମୃତ୍ୟୁ

କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.): ପଣ୍ଡାପଡା ଥାନା କମାନାଳି ଗ୍ରାମରେ ବଜ୍ରପାତରେ ଜଣେ ବାଳିକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ସାବିତ୍ରି ମୁଣ୍ଡା। ସାବିତ୍ରୀ ଓ ବୈଦେଇ ପେଣ୍ଡେଇ ନାମକ ୨ ଜଣ ଗାଁ ପୋଖରୀରୁ ଗାଧୋଇ ବାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ବଜ୍ରପାତ ହେବାରୁ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ଆମ୍ବୁଲାନ୍ସରେ ସେମାନଙ୍କୁ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ସାବିତ୍ରୀଙ୍କ ମୃତ୍ୟୁ ଘଟିଥିଲା।

### ପିକ୍‌ଅପ୍ ଧକ୍କାରେ ୫ ଛେଳି ମୃତ

କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.): ପଣ୍ଡାପଡ଼ା ଥାନା ଉକୁଚାବେଡ଼ା ଗ୍ରାମ ନିକଟରେ ନରଣପୁର-ହରିଚନ୍ଦନପୁର ରାସ୍ତାରେ ଏକ ପିକଅପ ଧକ୍କାରେ ୫ ଛେଳିର ମୃତ୍ୟୁ ଘଟିଛି। କେନ୍ଦୁଝର ଆଡୁ ଯାଉଥିବା ଏକ ପିକଅପ ଧକ୍କା ଦେଇଥିଲା। ଫଳରେ ଏ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୁର୍ଘଟଣା ଘଟାଇ ଭ୍ୟାନଟି ରାସ୍ତା କଡ ଖାଲକୁ ଓଲଟି ପଡିଥିଲା। ଗାଡି ଚାଳକ ଓ ହେଲପର ଆହତ ହୋଇଥିଲେ ହେଁ ଭୟରେ ପଳାଇ ଯାଇଥିଲେ। ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ, ରାସ୍ତାରୋକୋ

କେନ୍ଦୁଝର, ୨୩।୧୦ (ସ୍ୱ.ପ୍ର): ନୟାକୋଟ ଥାନା ଅନ୍ତର୍ଗତ ସୁତୁଙ୍ଗ-କାଦକଳା ରାସ୍ତାର ଲୁହାକଳା ଗ୍ରାମ ନିକଟରେ ସୋମବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ମୃତକ ଜଣଙ୍କ ହେଲେ କାଦକଳା ଗ୍ରାମ ସୁକୁରା ସାହିର ମାଟୁ ମୁଣ୍ଡା। କ୍ଷତିପୂରଣ ଦାବିରେ ପଥର ରଖି ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବ୍ୟାହତ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡିଟି ସ୍ଥାନୀୟ ଅଞ୍ଚଳର ବୋଲି କୁହାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି।

### ଖବରଦାତାଙ୍କ ପରଲୋକ

ଆନନ୍ଦପୁର, ୨୩।୧୦(ସ୍ୱ.ପ୍ର.): ଆନନ୍ଦପୁରର ବରିଷ୍ଠ ଖବରଦାତା ରାଧାପଦ ମହାନ୍ତି (୮୫) ସୋମବାର ପରଲୋକ ଘଟିଛି। ସେ ଦୀର୍ଘ ୮ ବର୍ଷ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ନିର୍ଭୀକ୍ ଖବରଦାତା ଭାବେ ଆନନ୍ଦପୁର ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଆନନ୍ଦପୁର ପ୍ରେସ୍ କ୍ଲବ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। କ୍ଲବର ସଭାପତି ଗୋପାଳ କୃଷ୍ଣ ରାଉତଙ୍କ ସଂଯୋଜନାରେ ଏକ ଶୋକସଭା କରାଯାଇ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆନନ୍ଦପୁର ପ୍ରେସ୍ କ୍ଲବର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ତାଙ୍କର ଉଦ୍ୟମକୁ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ, ଉପଦେଷ୍ଟା ମଣ୍ଡଳୀ ଉପସ୍ଥିତ ରହି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

### କୁଣ୍ଡଳାରେ ଜନସମ୍ପର୍କ ପଦଯାତ୍ରା




ପାଟଣା,୨୩।୧୦(ସ୍ୱ.ପ୍ର.): ପାଟଣା ଥାନା ସାହାରପଡ଼ା ବ୍ଲକ ଅନ୍ତର୍ଗତ କୁଣ୍ଡଳା ପଞ୍ଚାୟତରେ ମଙ୍ଗଳବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା କୁଣ୍ଡଳା ଗ୍ରାମଠାରୁ ବାହାରି ଗେରାସ ଗ୍ରାମରେ ଶେଷ ହୋଇଥିଲା। ପଦଯାତ୍ରାରେ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ହୃଷୀକେଶ ନାଏକ, ପାଟଣା ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ, ଯୁବନେତା ବିନୋଦ ନାଏକ, ଜିଲା ପରିଷଦ ସଦସ୍ୟ କୌଶଲ୍ୟା ନାଏକ ଓ କାଳିଚରଣ ମହାନ୍ତ ପ୍ରମୁଖ ଯୋଗଦେଇ କୁଣ୍ଡଳାଠାରୁ ଗେରାସ ପଞ୍ଚାୟତ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ବିଜେଡିର ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହି ପଦଯାତ୍ରାରେ ବିଜେଡିର ମହିଳାପୁରୁଷ କର୍ମୀ ସାମିଲ ହୋଇଥିଲେ।

# ଶିଶୁପାର୍କ ନିର୍ମାଣ କାର୍ଯ୍ୟ ଧିମା

- ବିଳମ୍ବକୁ ନେଇ ଅସନ୍ତୋଷ
- ପଦକ୍ଷେପ ଗ୍ରହଣ କରାଯାଉନି
- ଉତ୍ତର ଦେଉନାହାନ୍ତି ପୌର କର୍ତ୍ତୃପକ୍ଷ

ଆନନ୍ଦପୁର, ୨୩।୧୦(ସ୍ୱ.ପ୍ର.)

ଆନନ୍ଦପୁର ପୌରପରିଷଦ ପକ୍ଷରୁ ନିର୍ମାଣାଧୀନ ଶିଶୁପାର୍କର କାର୍ଯ୍ୟରେ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ଜନସାଧାରଣ ପୂର୍ବରୁ ଏକ ଶିଶୁପାର୍କ ନିର୍ମାଣ କରାଯିବାକୁ ନେଇ ବାରମ୍ବାର ଦାବି ହୋଇଆସୁଥିଲା। ଏ ନେଇ ୨୦୧୩-୧୪ରେ ସେତେବେଳେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଆନନ୍ଦପୁର ବିଡିଓ ମୁରଲୀଧର ସ୍ୱାଇଁ ତତ୍ପରତା ପ୍ରକାଶ କରିଥିଲେ। ଫଳରେ ପୌରପରିଷଦ ପକ୍ଷରୁ ପାଖାପାଖି ୫ ଲକ୍ଷ ଟଙ୍କା ଅଟକଳରେ ଆନନ୍ଦପୁର ବ୍ରିଜଛକ ସନ୍ନିକଟ ବୈତରଣୀ ନଦୀ କଡ଼ରେ ସ୍ଥାନ ନିରୂପଣ କରାଯାଇଥିଲା। ପରେ ତାର ବାଡା ଘେରା କାର୍ଯ୍ୟ ଶେଷ ହୋଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଶିଶୁପାର୍କ ନିର୍ମାଣ କେବଳ ଫଳକ ଓ କାଗଜପତ୍ରରେ ସୀମିତ ହୋଇ ରହିଯାଇଥିଲା। ପୁନର୍ବାର ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ୨୦୧୫-୧୬ରେ ପଦକ୍ଷେପ ଗ୍ରହଣ କରାଯାଇ ପାର୍କ ସ୍ଥଳୀକୁ ସଫା କରାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୬-୧୭ରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥିଲା। ଏଥି ନିମନ୍ତେ ୨୦୧୭-୧୮ ଆର୍ଥିକ ବର୍ଷରେ ୫୮ ଲକ୍ଷ ଟଙ୍କା ବ୍ୟୟ ବରାଦରେ ପୌରପାଳିକା ପକ୍ଷରୁ ଟେଣ୍ଡର ଆବେଦନ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା।

ଦୁଃଖର ବିଷୟ ଇତିମଧ୍ୟରେ ଶିଶୁପାର୍କର ନିର୍ମାଣର ଅବଧି ଶେଷ ହେବାକୁ ବସିଥିଲେ ସୁଦ୍ଧା କାର୍ଯ୍ୟରେ ବିଳମ୍ବତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପାର୍କ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଅଞ୍ଚଳ ସମତୁଲ କରାଯାଇଥିଲେ ସୁଦ୍ଧା ଏଥି ନିମନ୍ତେ ଆବଶ୍ୟକ ନିର୍ମାଣ କାର୍ଯ୍ୟ ଧିମା ଗତିରେ ଚାଲୁଛି। କେଉଁ କାରଣରୁ ପାର୍କ ନିର୍ମାଣ କାର୍ଯ୍ୟର ବିଳମ୍ବ ଘଟୁଛି ତାହାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ପୌର କର୍ତ୍ତୃପକ୍ଷ କୌଣସି ଉତ୍ତର ଦେଉ ନ ଥିବାବେଳେ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟର ବିଳମ୍ବତାକୁ ନେଇ ଠିକାଦାରଙ୍କୁ ରିପୋର୍ଟ କରିବାକୁ ସୂଚନା ଦେଇଥିବା କହିଛନ୍ତି। ଘଟଣା ଦିଗରେ ଜିଲା ପ୍ରକଳ୍ପ ଅଧିକାରୀ ପଦକ୍ଷେପ ଗ୍ରହଣ ପୂର୍ବକ ଶିଶୁପାର୍କ ନିର୍ମାଣରେ ସୃଷ୍ଟି ହେଉଥିବା ଶିଥିଳତାରେ ଅଗ୍ରଗତି କରାଇବାକୁ ଜନସାଧାରଣଙ୍କ ପକ୍ଷରୁ ମତ ପ୍ରକାଶ ପାଇଛି।


ନିର୍ମାଣାଧୀନ ଆନନ୍ଦପୁର ଶିଶୁ ପାର୍କ।

# ନିଯୁକ୍ତି ଦାବିରେ ଆନ୍ଦୋଳନ


ନିଯୁକ୍ତି ଦାବି କରୁଥିବା ଆନ୍ଦୋଳନକାରୀ।

ଯୋଡ଼ା, ୨୩।୧୦(ଡି.ଏନ.ଏ.)

ଯୋଡ଼ା ଅଞ୍ଚଳରେ କାର୍ଯ୍ୟ କରୁଥିବା ଏକ ଠିକାଦାର ସଂସ୍ଥା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଉନାହିଁ। ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦେଉଥିବା ଅଭିଯୋଗ ହୋଇଛି। ଶତାଧିକ ମହିଳାପୁରୁଷ ସ୍ଥାନୀୟ ଭିଟି ସେଣ୍ଟରରେ ଏ ନେଇ ମଙ୍ଗଳବାର ଆନ୍ଦୋଳନ କରିଛନ୍ତି। ଏକ କମ୍ପାନୀ ଯୋଡାଠାରେ ଏକ ଖଣିରେ ଠିକାଦାରି କରୁଛି। ଖଣିରେ ନିୟୋଜିତ ଶ୍ରମିକମାନଙ୍କୁ କମ୍ପାନୀ ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ଅନ୍ୟ ରାଜ୍ୟରୁ ଆଣି ନିୟୋଜିତ କରୁଥିବାର ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି।

ଏ ନେଇ ପଦ୍ମାବତୀ ପାତ୍ର, ଶଶ୍ମିତା ପାତ୍ର, ଫୁଲମଣି ନାଏକ, ଗୋଲାପି କାରୁଆ, କମଳା ପାତ୍ର, ସରିତା କାରୁଆ, ପିଙ୍କି କାରୁଆ ପ୍ରମୁଖ ଅଭିଯୋଗ କରି କହିଛନ୍ତି ଯେ, ଅଟୱାଲ କମ୍ପାନୀ ଏକ ମାସ ଧରି କାର୍ଯ୍ୟ ଦେବାର ପ୍ରତିଶ୍ରୁତି ଦେଇଥିଲା। ଏବେ ପ୍ରତାରଣା କରିଛି। ଖଣି ଆମ ଅଞ୍ଚଳରେ ଥାଇ ମଧ୍ୟ ସ୍ଥାନୀୟ ଶ୍ରମିକ ବେକାର ହେଉଛନ୍ତି। ଆଜିର ଆନ୍ଦୋଳନ ପରେ ଯଦି କମ୍ପାନୀ ଅଣଦେଖା କରେ ତେବେ ଅଞ୍ଚଳବାସୀ କେନ୍ଦୁଝର ଜିଲାପାଳ, ଚମ୍ପୁଆ ଉପଜିଲାପାଳ ଓ ଯୋଡା ଖଣି ଉପନିର୍ଦ୍ଦେଶକଙ୍କୁ ଅଭିଯୋଗ କରିବେ ଓ ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଅଟୱାଲ କମ୍ପାନୀ ଅଧିକାରୀ ଅନୁଭବ ଦତଙ୍କୁ ପଚାରିବାରୁ ଆନ୍ଦୋଳନ ହୋଇନାହିଁ। ଏ ନେଇ କୌଣସି ସୂଚନା ତାଙ୍କ ପାଖରେ ନ ଥିବା ସେ କହିଛନ୍ତି।

## ଦାରିଦ୍ର୍ୟ ତାଡ଼ନା ଶିଶୁର ଭବିଷ୍ୟତ ଚିନ୍ତାରେ ମା'

କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.)

ସରକାର କନ୍ୟା ଶିଶୁଙ୍କ ସୁରକ୍ଷା ପାଇଁ ସୁକନ୍ୟା ସମୃଦ୍ଧି ଯୋଜନା, ବେଟି ବଚାଅ ଓ ବେଟି ପଢାଅ ଯୋଜନା ଆଦି ଲାଗୁ କରିଛନ୍ତି। ଦାରିଦ୍ରତା ମଧ୍ୟରେ ରହୁଥିବା ପରିବାରକୁ ଉକ୍ତ ଯୋଜନା ପ୍ରହସନ ପାଲଟିଛି। ପେଟ ପୋଷିବା ଲାଗି ଦୁଇ ଓଳି ଖାଇବା ପାଇଁ ଡହଳ ବିକଳ ହେଉଥିବା ପରିବାର ଶିଶୁର ଯତ୍ନ କିପରି ନେବେ ତାହାକୁ ନେଇ ଚିନ୍ତାରେ ରହିଛନ୍ତି।

ଏଭଳି ସଦର ବ୍ଲକ ମହାଦେଇଯୋଡା ଗ୍ରାମରେ ଏକ ଘଟଣା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଉକ୍ତ ଗ୍ରାମରେ ଅର୍ଥାଭାବରୁ ଜଣେ ଆଦିବାସୀ ମହିଳା ଅର୍ଥାଭାବରୁ ନିଜର ଦେଢ ବର୍ଷର ଶିଶୁକନ୍ୟାକୁ ଶିଶୁ ସୁରକ୍ଷା ୟୁନିଟକୁ ହସ୍ତା'ର କରିଦେବାକୁ ନିଷ୍ପତ୍ତି ନେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗରିବ ହୋଇଥିବାରୁ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ସ୍ୱାମୀର ପରଲୋକ ପରେ ନିଜ ବାପ ଘରେ ପେଟ ପୋଷୁଥିବା ମହିଳା ଜଣଙ୍କ ତାଙ୍କ ଦେଢ ବର୍ଷ ଶିଶୁକନ୍ୟାକୁ ହସ୍ତାନ୍ତର କରିବେ ବୋଲି ଜଣାଯାଇଛି। ଏ ନେଇ ବିଡିଓ ଆଦିକାନ୍ତ ବେହେରା କହିଛନ୍ତି ଯେ, ସେ ଯଦି ଆବେଦନ କରିଥିବେ ତେବେ ତାଙ୍କୁ ଆବଶ୍ୟକ ସହାୟତା ମିଳିବ। ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ। ଜାତୀୟ ପରିବାର କଲ୍ୟାଣ ଯୋଜନାରେ ସହାୟତା ଦିଆଯିବ। ଅନ୍ୟପଟେ ନିଜର ପେଟ ପୋଷିବାକୁ ଶିଶୁକୁ ଛାଡି କୁଆଡେ ଯାଇପାରୁ ନ ଥିବା ମହିଳା ଜଣଙ୍କ କିପରି ଶିଶୁର ଭବିଷ୍ୟତ ଗଢ଼ିବେ ସେ ନେଇ ଚିନ୍ତାରେ ରହିଛନ୍ତି।

# ମହିଳାଙ୍କୁ ନିର୍ଯାତନା ନେଇ ମାମଲା

ପାଟଣା, ୨୩।୧୦(ସ୍ୱ.ପ୍ର.)

ତୁରୁମୁଙ୍ଗା ଥାନା କେନ୍ଦେଇ ପଶି ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଏସଆଇ ସୁଶିଳା ବାର୍ଲା ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୧୦୬/୧୮) ରୁଜୁ ହୋଇଛି। ୯ ବର୍ଷ ତଳେ ବାରିଆ ଥାନା ରସବନ୍ତଳା ଗ୍ରାମର ମମତା ବେହେରା କେନ୍ଦେଇ ପଶିଗାଁର ଟୁକୁ ବେହେରାଙ୍କୁ ବିବାହ କରିଥିଲେ। ବିବାହ ପରେ ଟୁକୁ ବାଙ୍ଗାଲୋର କାମ କରିବାକୁ ଚାଲିଯାଇ ଥିଲେ। ଏକ ମାସ ପୂର୍ବରୁ ତାଙ୍କ ଶାଶୁ, ଶ୍ୱଶୁର ଓ ଦିଅର ମମତାଙ୍କୁ ଘରୁ ତଡି ଦିଆଯାଇଥିବା ଅଭିଯୋଗ ହୋଇଛି। ସେ ବର୍ତ୍ତମାନ ବାପ ଘରେ ରହୁଛନ୍ତି।

- ମନ୍ତ୍ରୀଙ୍କ ପୁଅ ଦେବାଶିଷଙ୍କୁ ଜେଲରେ ସ୍ୱତନ୍ତ୍ର ବ୍ୟବସ୍ଥା

# ଅଭିଯୋଗ ଆଣିଲା ଭାଜପା

କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.)

ହତ୍ୟା ଉଦ୍ୟମ ଓ ଅନ୍ୟ ମାମଲାରେ ଗିରଫ ହୋଇଥିବା ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷଙ୍କୁ କେନ୍ଦୁଝର ଜେଲରେ ସ୍ୱତନ୍ତ୍ର ବ୍ୟବସ୍ଥାରେ ରଖାଯାଇଥିବା ଭାଜପା ଅଭିଯୋଗ କରିଛି। ତାଙ୍କ ପାଇଁ ଟିଭି ଓ ଅନ୍ୟ ବିଳାସପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ସତ୍ୟବ୍ରତ ପଣ୍ଡା ଅଭିଯୋଗ ଆଣିଛନ୍ତି। ଖଣି ଚୋରିରେ ଗିରଫ ହୋଇ ଜେଲରେ ଥିବା ଦୀପକ ଗୁପ୍ତାଙ୍କ କୋଠରି ନିକଟରେ ରଖା ଯାଇ ଏଭଳି ସୁବିଧା ଦିଆଯାଇଥିବା ଅଭିଯୋଗ କରିଛନ୍ତି। ସମ୍ମିଳନୀରେ ରାଜ୍ୟ ନେତା ଭୃଗୁ ବକ୍ସିପାତ୍ର, ପୂର୍ବତନ ଏମ୍‌ପି ଅନନ୍ତ ନାୟକ, ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତ, ପୂର୍ବତନ ବିଧାୟକ ମୋହନ ମାଝି ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ନେଇ ଜେଲର ସତ୍ୟପ୍ରକାଶ ସ୍ୱାଇଁ ଏଭଳି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସବୁ ୱାର୍ଡରେ ଟିଭି ଥିବା କହିଛନ୍ତି। ସ୍ୱତନ୍ତ୍ର ବ୍ୟବସ୍ଥା କିଛି କରାଯାଇନାହିଁ ବୋଲି ସେ କହିଛନ୍ତି। ଚମ୍ପୁଆରେ ଜଣେ ବିଧାୟକ ଖଣି ଅଞ୍ଚଳରେ ବେଆଇନ ଭାବେ ଅର୍ଥ କାରବାର କରିଥିବା ଖବରଦାତା ସମ୍ମିଳନୀରେ ଭାଜପା ଅଭିଯୋଗ କରିଛି।

# ଏନ୍‌ଏସିରେ ପଶିଲେ ୨୩ ହାତୀ


ଚମ୍ପୁଆ ରେଞ୍ଜରେ ଥିବା ହାତୀପଲ।

ଚମ୍ପୁଆ, ୨୩।୧୦(ଡି.ଏନ.ଏ.):

ଚମ୍ପୁଆ ରେଞ୍ଜରେ ବୃଦ୍ଧି ପାଉଛି ହାତୀ ଉପଦ୍ରବ। ଚାଷୀଙ୍କ ଚାଷ ଉଜୁଡି ଯାଉଥିବା ବେଳେ ଜଙ୍ଗଲ ଛାଡି ଏବେ ହାତୀ ସହର ମୁହାଁ ହେଲେଣି। ୨ ଦିନ ହେବ ୨୩ ହାତୀ ଜଙ୍ଗଲ ଛାଡି ଚମ୍ପୁଆ ଏନ୍‌ଏସିର ୧୨ ଓ ୧୩ ନଂ ୱାର୍ଡରରେ ପଶି ଫସଲ ନଷ୍ଟ କରିଛନ୍ତି। ମାନୁ ମୁଣ୍ଡାଙ୍କ ଘର ଓ ଗୌରାଙ୍ଗ ନାଏକଙ୍କ ପାଚେରି ଭାଙ୍ଗି ଦେଇଛନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟା ହେଲେ ହାତୀଗୁଡିକ ଜଙ୍ଗଲ ମଧ୍ୟରୁ ବାହାରି ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ପଶି ଫସଲ ଉଜୁଡାଉଥିବା ବେଳେ ଚମ୍ପୁଆ ରେଞ୍ଜର ପତଳା, ରଜିଆ, ମିରିଗିସିଙ୍ଗା ଆଦି ଅଞ୍ଚଳରେ ସ୍ଥାୟୀ ଭାବରେ ରହି ଯାଉଛନ୍ତି। ବନ ବିଭାଗ ପକ୍ଷରୁ ସନ୍ଧ୍ୟା ହେଲେ ହାତୀ ଘୋଉଡାଇବା କାମ ଆରମ୍ଭ କରାଯାଉଛି। ସକାଳ ସୁଦ୍ଧା ହାତୀପଲଙ୍କୁ ଚମ୍ପୁଆ ରେଞ୍ଜର ବାହାରକୁ ପଠାଇ ଦିଆଯାଉଛି। ମାତ୍ର ହାତୀ ଗୁଡିକ ନିଜ ସ୍ଥାନକୁ ଫେରି ଆସୁଛନ୍ତି। ଗତ ୨ଦିନ ଧରି ହାତୀପଲଙ୍କ ଉପଦ୍ରବ ଚମ୍ପୁଆ ଏନଏସିରେ ଦେଖିବାକୁ ମିଳୁଥିବା ବେଳେ ଲୋକଙ୍କ ବିରୋଧ ପାଇଁ ବନ ବିଭାଗ ପୋଲିସର ସହାୟତା ଲୋଡିଥିବା ଦେଖିବାକୁ ମିଳିଛି। ହାତୀପଲ ବର୍ତ୍ତମାନ ଝାଡଖଣ୍ଡର ଜଟିଆହୁଡିଠାରେ ଅବସ୍ଥାନ କରିଛନ୍ତି।

- ଭଗତ ସିଂ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

# ମହାବୀର ଏକାଦଶ କେନ୍ଦେଇପସି ବିଜୟୀ

ପାଟଣା, ୨୩।୧୦(ସ୍ୱ.ପ୍ର.)

ପାଟଣା ବ୍ଲକ ଜମୁନାପସିସ୍ଥିତ ବର୍ଷା କ୍ଲବର ୫ମ ବାର୍ଷିକ ଶହୀଦ ଭଗତ ସିଂ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ୭ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ୧୬ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ମହାବୀର ଏକାଦଶ କେନ୍ଦେଇପଶିକୁ ମୁନା ଏକାଦଶ ବୋଦାପଳସା ଭେଟି ଥିଲା। ମ୍ୟାଚରେ ବୋଦାପଳସାକୁ କେନ୍ଦେଇପଶି ଦଳ ୩ ରନରେ ହରାଇ ବିଜୟୀ ହୋଇଛି।

ଲିଟୁ ମହାନ୍ତ ଓ ପତି ମହାରଣା ଅମ୍ପାୟାର କାମ ତୁଲାଇଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବର୍ଷା କ୍ଲବର ସଭାପତି ଅଜୟ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମମତାମୟୀ ନାଏକ ଓ ସମିତିସଭ୍ୟ ଗୋକୁଳ ଚନ୍ଦ୍ର ନାଏକ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବସନ୍ତ କୁମାର ନାଏକ ଓ ବେଣୁଧର ସର୍ଦ୍ଦାର ପରିଚାଳନା କରିଥିଲେ।

# ୨୦୧୨ ମାଟ୍ରିକ୍ ବ୍ୟାଚ ବନ୍ଧୁମିଳନ


ବନ୍ଧୁମିଳନ ଉତ୍ସବରେ ପୁରାତନ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

ଝୁମ୍ପୁରା, ୨୩।୧୦(ଡି.ଏନ.ଏ.)

ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ପରିସରରେ ୨୦୧୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ରୀଛାତ୍ର ବନ୍ଧୁମିଳନ ପର୍ବରେ ଏକତ୍ରିତ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ସହ କେତେଜଣ ଶିକ୍ଷକଙ୍କୁ ନିମନ୍ତ୍ରିତ କରାଯାଇଥିଲା। ଶିକ୍ଷକଙ୍କ ମଧ୍ୟରୁ କେତେଜଣ ଅବସର ଗ୍ରହଣ କରିସାରିଥିବା ବେଳେ ଅନ୍ୟ ଶିକ୍ଷକ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଝୁମ୍ପୁରା ଉଚ୍ଚ ବିଦ୍ୟାଳୟର ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ମହାକୁଡ଼ଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ପୂର୍ବ ଦିନର ସ୍ମୃତିକୁ ପରସ୍ପର ଭାବର ଆଦାନ ପ୍ରଦାନ କରିଥିଲେ। ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ନେଇ ନିମନ୍ତ୍ରିତ ଶିକ୍ଷକମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ। ନିମନ୍ତ୍ରିତ ଶିକ୍ଷକମାନଙ୍କୁ ଛାତ୍ରୀଛାତ୍ର ଉପଢୌକନ ପ୍ରଦାନ କରିଥିଲେ।

# ସଜେଇ ହେଉଛି ମହାଲକ୍ଷ୍ମୀ ପୂଜାମଣ୍ଡପ

ରାଇସୁଆଁ, ୨୩।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ପଦ୍ମପୁରଠାରେ ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତି ଶେଷ ହୋଇଯାଇଛି। ଲକ୍ଷ୍ମୀ ପୂଜା ସଦର ଅଞ୍ଚଳରେ ସର୍ବପୁରାତନ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ଉକ୍ତ ପୂଜା ୬ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସ୍ଥିରିକୃତ ହୋଇଛି। ଏ ନେଇ ପୂଜା ମଣ୍ଡପ ସଜେଇ ହେଉଛି।

ପୂଜା ପଡ଼ିଆରେ ମିନା ବଜାର ପଡିବା ସହ ପୂଜାକୁ ଶାନ୍ତିଶୃଙ୍ଖଳା ପାଇଁ କମିଟି ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସଦର ଥାନାକୁ ଅବଗତ କରାଯାଇଥିବା ସୂଚନା ମିଳିଛି। ବୁଧବାର ବୈତରଣୀରୁ କଳସ ଶୋଭାଯାତ୍ରା କରାଯାଇ ଘଟସ୍ଥାପନା କରାଯିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

# ଅବହେଳିତ ଜିଲା ସଂଗ୍ରହାଳୟ

- ନଷ୍ଟ ହେବାକୁ ବସିଛି ପୁରାତନ କଳାକୀର୍ତ୍ତି
- ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ
- ପ୍ରଶାସନ ପଦକ୍ଷେପ ନେବା ଜରୁରୀ

କେନ୍ଦୁଝର, ୨୩।୧୦(ସ୍ୱ.ପ୍ର.)

ପର୍ଯ୍ୟଟନ କ୍ଷେତ୍ରରେ କେନ୍ଦୁଝର ଜିଲାର ସ୍ୱତନ୍ତ୍ର ସ୍ଥାନ ରହିଛି। ଏହାକୁ ଚିତ୍ରପଟରେ ଧରି ରଖିବା ପାଇଁ ତଥା ଅତୀତର ଅକ୍ଷୟକୃତୀକୁ ପ୍ରଦର୍ଶିତ କରିବା ଉଦ୍ଦେଶ୍ୟରେ ନବେ ଦଶକରେ ପ୍ରତିଷ୍ଠା ଲାଭ କରିଥିବା କେନ୍ଦୁଝର ଜିଲା ସଂଗ୍ରହାଳୟ ଆଜି ସମସ୍ତଙ୍କ ପାଇଁ ଅଲୋଡା ହୋଇଯାଇଛି। ସଂଗ୍ରହାଳରେ ଏବେ ତାଲା ପଡୁଥିବା ବେଳେ ପୁରାତନ କଳାକୀର୍ତ୍ତି ନଷ୍ଟ ହେବାକୁ ବସିଛି। ଅନ୍ୟ ପକ୍ଷରେ ଜିଲାପାଳଙ୍କ ଅଫିସ ଆଗରେ ଜିଲା ସଂଗ୍ରହାଳୟକୁ ୩ କି.ମି. ରାସ୍ତା ବୋଲି ଏକ ସୂଚନା ଫଳକ ରହିଛି। ଅନେକ ସମୟରେ ପର୍ଯ୍ୟଟକମାନେ ଯାଇ ପଥ ଭ୍ରଷ୍ଟ ହେଉଛନ୍ତି। ଖାଲି ହାତରେ ଫେରୁଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସଂଗ୍ରହାଳୟକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଏହାକୁ ଖୋଲିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆଦୌ ଆଗ୍ରହ ପ୍ରକାଶ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଥିବା କେନ୍ଦୁଝର ଜିଲା ବର୍ତ୍ତମାନ ପ୍ରଶାସନିକ ଅବହେଳାର ଶିକାର ହେଉଥିବା ଅଭିଯୋଗ ହୋଇଆସୁଛି। ଜିଲାରେ ଥିବା ଅନେକ କୀର୍ତ୍ତିରାଜୀ ଧ୍ୱଂସାଭିମୁଖୀ ଅବସ୍ଥାରେ ରହିଛି। ଜିଲାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଜିଲାର ଐତିହ୍ୟ ବିଷୟରେ ସୂଚନା ଦେବା ଲକ୍ଷ୍ୟରେ ୧୯୯୮ ମସିହା ବାହୁଡା ଦଶମୀ ଦିନ ତତ୍କାଳୀନ ଶିଳ୍ପମନ୍ତ୍ରୀ ଏକ ସଂଗ୍ରହାଳୟ ପୁରୁଣାସହରସ୍ଥିତ ବଳଦେବଜୀଉ ମନ୍ଦିର ନିକଟରେ ଉଦ୍‌ଘାଟନ କରାଯାଇଥିଲା। ଆଶା କରାଯାଉଥିଲା ଉକ୍ତ ସଂଗ୍ରହାଳୟ ଦ୍ୱାରା ଜିଲାକୁ ଆସୁଥିବା ପର୍ଯ୍ୟଟକମାନେ ଜିଲାର ଐତିହ୍ୟ ବିଷୟରେ ଜ୍ଞାନ ଆରୋହଣ କରିବେ। ସଂଗ୍ରହାଳୟରେ ବହୁ ପୁରୁଣା କଳାକୀର୍ତ୍ତି ରହିଛି। ବହୁ ବଦାନ୍ୟ ଲୋକ ଦାନ କରିଥିଲେ। ସଂଗ୍ରହାଳୟ ଉଦ୍‌ଘାଟନ ପରଠାରୁ କିଛି ଦିନ ଖୋଲିବା ପରେ ବନ୍ଦ ରହିଛି। ସଂଗ୍ରହାଳୟରେ କ'ଣ ଅଛି କ'ଣ ନାହିଁ ସେ ବିଷୟରେ ଜନସାଧାରଣ ତ ଦୂରର କଥା ବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ଜଣାନାହିଁ। ସଦାସର୍ବଦା ଏହାର ମୁଖ୍ୟ ଦ୍ୱାରରେ ତାଲା ପଡିରହୁଛି। ପ୍ରଶାସନ ଏକ ଦିଗରେ ପଦକ୍ଷେପ ନେଇ ସଂଗ୍ରହାଳୟକୁ ଚାଲୁ କରିବାକୁ ଜନସାଧାରଣ ଦାବି କରିଛନ୍ତି। ଏ ନେଇ ଉପଜିଲାପାଳ ପ୍ରତାପ ଚନ୍ଦ୍ର ହୋତାଙ୍କୁ ପଚାରିବାରୁ ଦେବତ୍ତୋର ବିଭାଗ ଅଧୀନରେ ନାହିଁ। ଏ ନେଇ ଠିକ ଭାବରେ ଅବଗତ ନୁହେଁ। ଏହା ପ୍ରଶାସନ ପଦକ୍ଷେପ ନେବା ଜରୁରୀ ବୋଲି ସେ କହିଛନ୍ତି।

ସଂଗ୍ରାହକ ପ୍ରଦୀପ ରାଉତ କହିଛନ୍ତି, ଗଡଜାତ ଅଞ୍ଚଳ କେନ୍ଦୁଝରରେ ଭରି ରହିଛି ବହୁ ପୁରାତନ କଳାକୀର୍ତ୍ତି ଓ ଐତିହ। ପରପିଢି ପାଇଁ ଏହାର ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା ନାହିଁ। ଫଳରେ ଏହା ଲୋପ ପାଇଯାଉଛି। ଏହାକୁ ଖୋଲିବା ସହ ଏହାର ବିକାଶ କରିବାକୁ ଦାବି ହେଉଛି। ପୁରୁଣା ବଜାର ବାସିନ୍ଦା ତଥା ସ୍ୱେଚ୍ଛାସେବୀ ନବ କିଶୋର ସାହୁ କହିଛନ୍ତି। ସଂଗ୍ରହାଳୟ କାର୍ଯ୍ୟକ୍ଷମ ହେଲେ ଏହା ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବ। ଜିଲାର ପୁରୁଣା ଐତିହ ଉପରେ ଅଧିକ ଗବେଷଣା କରିବାରେ ସହାୟକ ହେବ। ଏହାଛଡା ମନ୍ଦିର ମାଳିନୀ ପୁରୁଣା ବଜାରରେ ଥିବା ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର, ରାଜବାଟୀ, ସିଦ୍ଧ ମଠ ସହିତ ଏହି ଅଞ୍ଚଳର ଗୁରୁତ୍ୱ ବୃଦ୍ଧିପାଇବ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିମ୍ବାଧର ବେହେରା କହିଛନ୍ତି, କେନ୍ଦୁଝର ଜିଲାରେ ଭରି ରହିଛି ବହୁ ପୁରୁଣା କଳାକୀର୍ତ୍ତି। ସେସବୁକୁ ସଂଗ୍ରହ କରି ସଂଗ୍ରହାଳୟରେ ରଖାଯାଇପାରିଲେ ଜିଲା ପାଇଁ ଏକ ଉପାଦେୟ ସମ୍ପତ୍ତି ହୋଇପାରିବ।


ସଂଗ୍ରହାଳୟର ଏକ କଳାକୀର୍ତ୍ତି।